୨୪ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.25 . No.01 Bhubaneswar Wednesday, February 02, 2022 ୨୫ତମ ବର୍ଷ ସଂଖ୍ୟା–୦୧ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ଦି'ପଦ କଥା...

ଆଜି ଦୈନିକ 'ପର୍ଯ୍ୟବେକ୍ଷକ'ର ୨୪ତମ ପ୍ରତିଷ୍ଠା ଦିବସ। ୧୯୯୮ ମସିହା ଫେବୃଆରୀ ୨ ତାରିଖ ପବିତ୍ର ଶ୍ରୀପଞ୍ଚମୀ ଦିନ ଏହାର ଦୈନିକ ପ୍ରକାଶନର ଶୁଭାରମ୍ଭ ହୋଇଥିଲା। ସାଧାରଣ ଲୋକଙ୍କ ଖବରକାଗଜ 'ପର୍ଯ୍ୟବେକ୍ଷକ' ପ୍ରଥମ ଦିନରୁ ଅଦ୍ୟାବଧି ତା'ର ଦାୟିତ୍ୱ, କର୍ତ୍ତବ୍ୟ ନିରବଚ୍ଛିନ୍ନ ଭାବେ ସମ୍ପାଦିତ କରିଆସୁଛି। ସାଧାରଣ ଲୋକଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢ଼ି ଅନେକବାର ଶାସନ, ପ୍ରଶାସନ, ପ୍ରଭାବଶାଳୀ ବ୍ୟକ୍ତିବିଶେଷ, ଅନୁଷ୍ଠାନମାନଙ୍କର ରୋଷର ଶିକାର ହୋଇଥିଲେ ମଧ୍ୟ କେବେବି ତା'ର ମୂଳ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇନାହିଁ। କରୋନା ମହାମାରୀର କରାଳ ଲହରୀ ଓ କଠୋର ସରକାରୀ କଟକଣା ଯୋଗୁଁ ସମସ୍ତ ମୁଦ୍ରିତ ଗଣମାଧ୍ୟମ ଭୀଷଣ ଭାବେ ପ୍ରଭାବିତ, କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଅଗଣିତ ପାଠକ/ପାଠିକା, ଶୁଭେଚ୍ଛୁଙ୍କ ଆକଣ୍ଠ ଭଲ ପାଇବା ଆମକୁ ଏ ସଂକଟମୟ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଛି। ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣା, ସାଧାରଣ ଲୋକଙ୍କ ଭଲ ପାଇବା, ଆଶୀର୍ବାଦକୁ ପାଥେୟ କରି ତରୁଣ 'ପର୍ଯ୍ୟବେକ୍ଷକ' ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ରକ୍ଷା ତଥା ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ସୁରକ୍ଷା କ୍ଷେତ୍ରରେ ତା'ର ପ୍ରଚେଷ୍ଟା ସର୍ବଦା ଜାରି ରଖିବ। କରୋନା କଟକଣା ଯୋଗୁଁ କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ଆମେ ପ୍ରତିଷ୍ଠା ଦିବସ ସମାରୋହକୁ ଗୁଗୁଲ ମିଟ୍ ଜରିଆରେ ଆୟୋଜନ କରିଆସୁଛୁ। ରାଜ୍ୟ, ଦେଶ ତଥା ବିଦେଶରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଅଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଉଥିବା ସମସ୍ତ ସମ୍ମାନନୀୟ ଅତିଥିମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ସମସ୍ତ ଜନସାଧାରଣଙ୍କୁ ଗୁଗୁଲ୍ ଲିଙ୍କ ପ୍ଲାଟ୍‌ଫର୍ମ ମାଧ୍ୟମରେ ଯୋଗଦେବାକୁ ଅନୁରୋଧ କରୁଛୁ। ଯାହାର ଲିଙ୍କ୍ ସମସ୍ତ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରସାର କରାଯାଇଛି। ଆଜିର ପୁଣ୍ୟ ଜନ୍ମତିଥି ଅବସରରେ 'ପର୍ଯ୍ୟବେକ୍ଷକ' ପରିବାର ତା'ର ସମସ୍ତ ପାଠକପାଠିକା, ଲେଖକଲେଖିକା, ବିଜ୍ଞାପନଦାତା, କର୍ମଚାରୀବୃନ୍ଦ, ହକର୍ ବନ୍ଧୁ ଏବଂ ସର୍ବୋପରି ଓଡ଼ିଶାର ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସୁସ୍ଥ, ନିରାମୟ ଜୀବନ ଓ ଆର୍ଥିକ ଉନ୍ନତି, ସ୍ୱାବଲମ୍ବିତା କାମନା କରୁଛି।

**ଜୟ ଜଗନ୍ନାଥ,**

**ବନ୍ଦେ ଉତ୍କଳ ଜନନୀ**

**ଡକ୍ଟର ପବିତ୍ରମୋହନ ସାମନ୍ତରାୟ,**

**ମୁଖ୍ୟ ସମ୍ପାଦକ, ଦୈନିକ 'ପର୍ଯ୍ୟବେକ୍ଷକ'**

ଶୂନ୍ୟସ୍ତମ୍ଭ






## ୨୦୨୨-୨୩ କେନ୍ଦ୍ର ବଜେଟ୍ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍ : ଶିକ୍ଷା ପାଇଁ ୧ ଲକ୍ଷ କୋଟିରୁ ଅଧିକ ବ୍ୟୟବରାଦ ମୋଦି ସରକାରଙ୍କ ଐତିହାସିକ ନିଷ୍ପତ୍ତି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧।୨(ପି.ଏନ): ଆର୍ଥିକ ବର୍ଷ ୨୦୨୨-୨୩ କେନ୍ଦ୍ର ବଜେଟ୍‌ରେ ଶିକ୍ଷା, ଦକ୍ଷତା ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଶିକ୍ଷା ବିଭାଗ ପାଇଁ ଇତିହାସରେ ପ୍ରଥମ ଥର ପାଇଁ ୧ ଲକ୍ଷ ହଜାର ୨୭୭ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ଶିକ୍ଷା ଭିତିଭୂମିକୁ ସୁଦୃଢ଼ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହା ଶିକ୍ଷା ବିଭାଗ ପାଇଁ ମୋଦି ସରକାରଙ୍କ ଐତିହାସିକ ନିଷ୍ପତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।ଶ୍ରୀ ପ୍ରଧାନ କହିଛନ୍ତି ଯେ ଆତ୍ମନିର୍ଭର ଭାରତର ବଜେଟ୍ ନୂଆ ଭାରତର ଆଶା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଛି। ଏହି ବଜେଟ୍ ଉତ୍ସାହଜନକ, ଭବିଷ୍ୟତବାଦୀ, ଅଭିବୃଦ୍ଧି ଭିତିକ ଏବଂ ଲୋକାଭିମୁଖୀ ବଜେଟ୍। ସମାଜର ସବୁ ବର୍ଗଙ୍କୁ ଗୁରୁତ୍ୱ ଦେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ ବଜେଟରେ ଚିଙ୍ଗୁଡ଼ି ଚାଷକୁ ପ୍ରୋତ୍ସାହନ, ଅଙ୍ଗନବାଡ଼ିର ବିକାଶ, ପଛୁଆ ଆକାଂକ୍ଷୀ ଜିଲ୍ଲାକୁ ପ୍ରାଧାନ୍ୟ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ଅଧିକ ଲାଭବାନ ହେବ ।ଏହି ବଜେଟ୍‌ରେ ଡିଜିଟାଲ୍ ବିଶ୍ୱବିଦ୍ୟାଳୟ, ଇ-ବିଦ୍ୟା ଅନ୍ତର୍ଗତ ୨୦୦ ଟିଭି ଚ୍ୟାନେଲ, ସ୍କିଲିଂ ପାଇଁ ଡିଜିଟାଲ୍ ଇକୋସିଷ୍ଟମ, କିଷାନ ଡ୍ରୋନ, ଡ଼ିଜିଟାଲ ମୁଦ୍ରା ଭଳି ଅନେକ ପଦକ୍ଷେପ ଅମୃତ କାଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ନିର୍ମାଣ ଓ ବ୍ଲୁ ପ୍ରିଂଟ୍ ସ୍ଥାପନ କରିବ। ଆତ୍ମନିର୍ଭର ଭାରତର ବଜେଟ୍ ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, ଟେକ୍ନୋଲୋଜି ଆଧାରିତ ବିକାଶକୁ ପ୍ରୋତ୍ସାହନ ଦେବା ସହ ଆୟ ଓ ପୁଞ୍ଜିନିବେଶରେ ବୃଦ୍ଧି ଘଟାଇବ, ରୋଜଗାରକୁ ଗତି ଦେବ ଏବଂ ଇଜ୍ ଅଫ୍ ଲିଭିଂକୁ ପ୍ରାଥମିକତା ଭିତିରେ ନାଗରିକଙ୍କୁ ସଶକ୍ତ ସହ ଜନକଲ୍ୟାଣକୁ ସୁନିଶ୍ଚିତ କରିବ। ୫ଜି ମୋବାଇଲ ସେବା, ଶତପ୍ରତିଶତ ପୋଷ୍ଟ ଅଫିସକୁ ଅତ୍ୟାଧୁନିକ କରିବା ଦ୍ୱାରା ଦେଶର ନାଗରିକଙ୍କ ଜୀବନଶୈଳି ଅଧିକ ସୁଗମ କରିବ।୬୦ ହଜାର କୋଟି ବ୍ୟୟରେ ହର୍ ଘର୍ ନଲ୍ ସେ ଜଲ୍ ରେ ୩.୮ କୋଟି ପରିବାରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୮ ହଜାର କୋଟି ବ୍ୟୟରେ ୮୦ ଲକ୍ଷ ହିତାଧିକାରୀଙ୍କ ପାଇଁ ପକ୍କା ଘର ନିର୍ମାଣ କରାଯିବ, ଯାହା ପ୍ରଧାନମନ୍ତ୍ରୀଜୀଙ୍କ ଗରିବଙ୍କୁ ସଶକ୍ତ କରିବା ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

### ଅଭିନନ୍ଦନ

୨୪ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। – **ପ୍ରକାଶକ**

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

24th Foundation Day of People's Odia Daily Paryabekhyak will be celebrated on 2nd February 2022 through Virtual Platform Goole Meet. The following Dignitaries have given their kind consent to grace the occasion.

**Inaugural Session : 11.00 A.M. to 1.00 P.M.**

**Topic : Covid-19 : Are we ready for Online Education?**

Inaugurator : **Dr. Surya Narayan Patro**
Hon'ble Speaker,Odisha Legisative Assembly

Ghief Guest : **Sri Bijay Kumar Pattnaik**
Former Chief Secretary, Govt. of Odisha

Chief Speaker : **Prof. Dr. Prasanna Patsani**
Eminent Poet, Former M.P & Minister

Guest of Honours : **Prof. Dr. Gouri Kumar Rath**
Former Director (Cancer )AIIMS , New Delhi & Head, National Cancer Institute, Jhajjar (NCR)
**Prof. Dr. Ashok Mohapatra**
VC, SOA & Former Director, AIIMS,Bhubaneswar
**Prof. Prafulla Kumar Mohanty**
V.C, Khallikote University
**Prof. Dr. Sanghamitra Pati**
Director, RMRC,Bhubaneswar
**Sri Druba Nanda**
DDG,Dordarsan Kendra, Bhubaneswar
**Dr. Gyanendra Mahapatra**
Former Vice Chancellor, Maharishi Ved Vigyan Viswa Vidyapeetham

**Closing Session : 6.00 P.M. 8.00 P.M.**

**Topic : Impact of Covid-19 on life and Livelihood**

Chief Guest : **Justice Ananga Kumar Pattnaik**
Former Judge Supreme Court of india

Chief Speaker : **Padmashree Prof. Dr. Subrat Acharya**
President, AIIMS, Bhubaneswar

Guest Speakers : **Sri Bikash Narayan Mishra**
Sr. Advisor, Indian Banking Association, Former CGM , PNB, New Delhi
**Sri Akhilesh Sukla**
President, Akhila Bharitya Samacharapatra Association, Lucknow, U.P.
**Sri Narendra Bhandari**
Secretry General Working Journalist of India, New Delhi
**Smt.Pushpa Pandeya**
Founder President , Indian Federation of Small and Medium Newspapers and National Media Confederation, New Delhi
**Adv. Mathews J. Nedumpara**
President ,Natioal Lawyers Campaign for Judicial Transparency and Reforms, Mumbai
**Sri Vijay Shankar Chatrubedi**
President,Accredited Journilist Association, New Delhi
**Sri Manoj Sing Tomor**
National President, BNMS,New Delhi

Host
**Dr. Pabitra Mohan Samantaray,**
Editor in Chief ,Paryabekhyak

Co-Host
**Sri Budhadeb Mahapatra**
**Sri Bijay Kumar Das**
**Pragyan Hiranmayee**




INDIA

ଦୈନିକ 'ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।

SAKSHI CONSTRUCTION
MODERN INTERIORS
Emai.sakshicinstrucionco@gmail.com
Cell No.70081000565




ସାଧାରଣ ଲୋକଙ୍କ ଖବର କାଗଜ 'ପର୍ଯ୍ୟବେକ୍ଷକ'ର ୨୪ତମ ସ୍ୱନକ୍ଷତ୍ର ଦିବସରେ ଅନେକ ଅନେକ ଶୁଭେଚ୍ଛା ଶୁଭକାମନା ଓ ଅଭିନନ୍ଦନ। ବନ୍ଦର ନଗରୀ ପାରାଦୀପରୁ 'ପର୍ଯ୍ୟବେକ୍ଷକ'ର ଶୁଭେଚ୍ଛୁ ଓ ପାଠକ।



ଦୈନିକ "ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

ଅମର କେଜ୍ରିୱାଲ
ଉତ୍କଳ ମାରୱାଡ଼ି ସଂଘ
ଯୋଡ଼ା ଶାଖା










# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତି ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥ୍ରିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଙୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଳରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲିଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ବିଫଳ ସ୍ୱାସ୍ଥ୍ୟସେବା ପାଇଁ ଦାୟୀ କିଏ ?



ଆମ ଦେଶରେ କେଉଁ କେଉଁ ରାଜ୍ୟ ସ୍ୱାସ୍ଥ୍ୟସେବା ଯୋଗାଣରେ ଆଗରେ ଅଛନ୍ତି ଓ କେଉଁ କେଉଁ ରାଜ୍ୟ ପଛରେ ଅଛନ୍ତି, ତାହା ନୀତି ଆୟୋଗର ରିପୋର୍ଟରୁ ସ୍ପଷ୍ଟ ହୋଇଛି। ନୀତି ଆୟୋଗର ରିପୋର୍ଟ ଅନୁସାରେ ଆମ ଦେଶରେ କେରଳ ରାଜ୍ୟ ସରକାର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣରେ ସବୁଠୁ ଆଗରେ ରହିଛି। ସେହିପରି ଉତ୍ତରପ୍ରଦେଶ ସ୍ୱାସ୍ଥ୍ୟସେବା ଯୋଗାଣରେ ଦେଶରେ ସବୁଠୁ ତଳେ ରହିଛି। କେରଳ ସ୍ୱାସ୍ଥ୍ୟସେବାର ସମସ୍ତ ମାପଦଣ୍ଡ ଆଧାରରେ ସ୍ୱାସ୍ଥ୍ୟସେବା ଯୋଗାଣରେ ପ୍ରଥମ ରାଜ୍ୟ ଭାବେ ପରିଗଣିତ ହୋଇଛି। ନୀତି ଆୟୋଗର ଚତୁର୍ଥ ସ୍ୱାସ୍ଥ୍ୟ ମାପଦଣ୍ଡରେ (୨୦୨୧) ୨୦୧୯-୨୦ରେ କେରଳ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି ତାମିଲନାଡୁ ଦ୍ୱିତୀୟ ଏବଂ ତେଲେଙ୍ଗାନା ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର କ୍ରମଶଃ ଉନ୍ନତି କ୍ଷେତ୍ରରେ ଉତ୍ତରପ୍ରଦେଶ ସବୁଠୁ ଆଗରେ ରହିଥିବା କୁହାଯାଇଛି। ଦେଶର ଛୋଟ ରାଜ୍ୟମାନଙ୍କ ମଧ୍ୟରେ ମିଜୋରାମ ଶୀର୍ଷ ସ୍ଥାନରେ ରହିଥିବା ବେଳେ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦିଲ୍ଲୀ ଓ ଜାମୁ-କାଶ୍ମୀର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସମସ୍ତ ମାପଦଣ୍ଡ ଆଧାରରେ ସବୁଠୁ ତଳେ ରହିଛନ୍ତି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର କ୍ରମଶଃ ଉନ୍ନତି କ୍ଷେତ୍ରରେ ଦିଲ୍ଲୀ ଓ ଜାମୁ-କାଶ୍ମୀରର ଉଦ୍ୟମ ସବୁଠୁ ଆଗରେ ରହିଥିବା କୁହାଯାଇଛି। ସେହିପରି ରାଜସ୍ଥାନ ସ୍ୱାସ୍ଥ୍ୟସେବା ଯୋଗାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିପାରି ନଥିବା କୁହାଯାଇଛି।

ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଆମ ଦେଶର ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କେଉଁ ରାଜ୍ୟ କେଉଁ ସ୍ଥାନରେ ରହିଛନ୍ତି, ତାହା ଦେଖାଯାଉ। ଏଥିରେ କେରଳ ପ୍ରଥମ ସ୍ଥାନରେ ଥିବାବେଳେ ତାମିଲନାଡୁ ୨ରେ,ତେଲେଙ୍ଗାନା୩ ରେ, ଆନ୍ଧ୍ର ପ୍ରଦେଶ ୪ ରେ, ମହାରାଷ୍ଟ୍ର ୫ରେ, ଗୁଜରାଟ ୬ ରେ, ହିମାଂଚଳ ପ୍ରଦେଶ ୭ରେ, ପଂଜାବ ୮ରେ, କର୍ଣ୍ଣାଟକ ୯ ରେ, ଛତିଶଗଡ଼ ୧୦ ରେ, ହରିଆନା ୧୧ରେ, ଆସାମ ୧୨ ରେ, ଝାଡ଼ଖଣ୍ଡ ୧୩ ରେ, ଓଡ଼ିଶା ୧୪ରେ, ଉତ୍ତରାଖଣ୍ଡ ୧୫ରେ, ରାଜସ୍ଥାନ ୧୬ ରେ, ମଧ୍ୟପ୍ରଦେଶ ୧୭ ରେ, ବିହାର ୧୮ରେ ଏବଂ ଉତ୍ତର ପ୍ରଦେଶ ସବୁଠୁ ତଳେ ୧୯ ସ୍ଥାନରେ ରହିଛି। ନୀତି ଆୟୋଗର ରିପୋର୍ଟ ଅନୁଯାୟୀ ଆମ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନ୍ୟ ରାଜ୍ୟ ମାନଙ୍କର ବହୁ ପଛରେ ଅର୍ଥାତ୍ ୧୪ ତମ ସ୍ଥାନରେ ରହିଛି। ଏଥିରୁ ଲାଗୁଛି ଆମ ରାଜ୍ୟ ସରକାର ରାଜ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ତୁରନ୍ତ ଉଦ୍ୟମ କରିବା ଆବଶ୍ୟକ।

ଏବେ ସରକାରଙ୍କ ପାଇଁ ଆମ ସ୍ୱାସ୍ଥ୍ୟ ଭିତିଭୂମି ମଜଭୁତ କରାଇବାର ସମୟ ଆସିଛି। ମହାମାରୀ କରୋନାର ତାଣ୍ଡବ ବେଳେ ଏହାର ସାମ୍ନା କରିବା ପାଇଁ ସରକାରଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା ଓ କୌଣସି ସମୟରେ ମଧ୍ୟ ପୁଣି ସେହି ମହାମାରୀ ତାଣ୍ଡବ ସୃଷ୍ଟି କରିପାରେ। କରୋନା ସହ ଲଢ଼ିବାକୁ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ପ୍ରାୟତଃ ସକ୍ଷମ ନୁହେଁ। ଏଣୁ ତୁରନ୍ତ ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ମଜଭୁତ କରାଯିବା ଆବଶ୍ୟକ। ସରକାରୀ ଡ଼ାକ୍ତରଖାନାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରିକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି। ଡ଼ାକ୍ତରଖାନା ଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବାତ ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି।

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼"(ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି। ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ। ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନା ରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫। ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର,୨୮ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନା(୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନା(୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲରେ ୧୪୧୯୨ ଷ୍ଟାଫ୍ ନର୍ସ ଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩। ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ ଭିନ୍ନ କଥା, ହେଲେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକର ଅଧିକାଂଶ ମଧ୍ୟ ଖାଲି ପଡ଼ିଛି। ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିବିଏଚ୍‌ଏନ୍, ଡ୍ରିପିଏଚ୍‌ଏନ୍, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏକ୍ସ-ରେ ଟେକ୍, ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି।

କରୋନା ସମୟରେ ମୁଖ୍ୟତଃ ନର୍ସମାନଙ୍କର ସେବାକୁ ସବୁ ମହଲରେ ଭୁରି ଭୁରି ପ୍ରଶଂସା କରାଯାଇଥିଲା। ଏଣୁ ସେମାନଙ୍କର ସେବାକୁ ସମ୍ମାନ ଦେଇ ସେମାନଙ୍କ ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରାଯିବାର ଆବଶ୍ୟକତା ଥିବା ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ମହାମାରୀର ତାଣ୍ଡବ ବେଳେ ନର୍ସମାନେ ନିଜ ଜୀବନକୁ ଖାତିର ନକରି ସାଧାରଣ ଲୋକ ମାନଙ୍କୁ ଅକୁଣ୍ଠିତ ସେବା ଯୋଗାଇ ଥିବାରୁ ମୁଖ୍ୟମନ୍ତ୍ରୀ ମଧ୍ୟ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଆଗାମୀ ବର୍ଷ ମାନଙ୍କରେ ବହୁ ନର୍ସ ଅବସର ନେବେ। ମାତ୍ର ଏହି ସମୟରେ ସରକାର ସେହି ଅଭିଜ୍ଞ ନର୍ସ ମାନଙ୍କୁ ଅବସର ଦେବା ଠିକ୍ ନୁହେଁ ବୋଲି କୁହା ଯାଉଛି। ଏଣୁ ମୁଖ୍ୟମନ୍ତ୍ରୀ ନର୍ସ ମାନଙ୍କର ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରି ସେମାନଙ୍କ ଉତ୍ସର୍ଗୀକୃତ ସେବାକୁ ପୁରସ୍କୃ କରିବା ଆବଶ୍ୟକ। ଏହାଦ୍ୱାରା ନର୍ସ ଅଭାବ ପୂରଣ ହେବା ସହ ସେମାନଙ୍କ ନିଷ୍ଠା ପାଇଁ ସରକାର କିଛି କଲେ ବୋଲି ଜଣା ପଡ଼ିବ।

ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି। ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି। ଜାତୀୟ ସ୍ତରରେ ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି। ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ରହିଛି। କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି। ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି। ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି। ଆମ ପଡ଼ୋଷୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି। ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ ଟି ମେଡ଼ିକାଲ୍ କଲେଜ ରହିଛି। ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତୀର୍ଣ୍ଣ ହେଉଛନ୍ତି। ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି। ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ। ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ। ଆଜି କରୋନା ଭୁତାଣୁର ତାଣ୍ଡବରୁ ରକ୍ଷା ପାଇଁ ଆମେ ଡ଼ହଳ ବିକଳ ହେଉଛେ। ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତର କାର୍ଯ୍ୟରତ ଥାନ୍ତେ, ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରି ପାରିଥାନ୍ତ। ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ।

**ଶରତ କୁମାର ରାଉତ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮

# ଦୁର୍ନୀତିରେ ଲିପ୍ତ ବନ କର୍ମଚାରୀଙ୍କ ପ୍ରଶଂସାପତ୍ରକୁ ନେଇ ବିବାଦ

କେନ୍ଦୁଝର (ପିଏନ୍) : କେନ୍ଦୁଝର ବନଖଣ୍ଡରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଥିବା ବନ କର୍ମଚାରୀଙ୍କୁ ଡିଏଫଓ ପ୍ରଶଂସାପତ୍ର ଦେଇଛନ୍ତି। ପ୍ରତ୍ୟେକ ରେଞ୍ଜର ଜଣେ ଫରେଷ୍ଟର,ଜଣେ ଫରେଷ୍ଟ ଗାର୍ଡ଼ ଙ୍କୁ ପ୍ରଶଂସାପତ୍ର ଦିଆଯାଇଛି। ବିଶେଷ କରି ବନୀକରଣ,ଜଙ୍ଗଲ ଓ ହାତୀ ସୁରକ୍ଷାକୁ ଆଧାର କରି ଏହି ପ୍ରଶଂସାପତ୍ର ଦିଆଯାଇଛି। ତେବେ ଏ ନେଇ ହୋଇଥିବା ଚୟନ ସଠିକ୍ ଭାବେ କରାଯାଇନଥିବା ଅଭିଯୋଗ ହୋଇଛି। ବିଶେଷ କରି ହାତୀ ମୃତ୍ୟୁ,ଜଙ୍ଗଲ ଚୋରୀ,ବନୀକରଣ ଦୁର୍ନିତୀ ଆଦି ହୋଇଥିବା ରେଞ୍ଜର ବନ କର୍ମଚାରୀମାନଙ୍କୁ ପ୍ରଶଂସାପତ୍ର ଦିଆଯାଇଥିବାରୁ ବନ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ ପାଇଁ ଡିଏଫଓ ସମସ୍ତ ରେଞ୍ଜରଙ୍କୁ ଏକ ତାଲିକା ମାଗିଥିଲେ। ତେବେ ଦକ୍ଷତା ନଥିବା ଏବଂ ବିଭିନ୍ନ ଦୂର୍ନୀତିରେ ଲିପ୍ତ ଥିବା କେତେକ କର୍ମଚାରୀଙ୍କ ନାମକୁ ସଂପୃକ୍ତ ଅଞ୍ଚଳର ରେଞ୍ଜ ଅଧିକାରୀମାନେ ଡିଏଫଓଙ୍କୁ ସୁପାରିଶ କରିଥିଲେ। ତେବେ ସେସବୁକୁ ନାମକୁ ଡିଭିଜନ ସ୍ତରରେ ସଠିକ୍‌ଭାବରେ ଯାଂଚ କରାନଯାଇ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଦକ୍ଷତା ନଥିବା ଏବଂ ଦୁର୍ନିତୀ ଅଭିଯୋଗଥିବା କର୍ମଚାରୀମାନଙ୍କ ପ୍ରଶଂସାପତ୍ର ମିଳିଥିବାବେଳେ ପ୍ରକୃତ ଦକ୍ଷତା ଥିବା କର୍ମଚାରୀମାନେ ବାଦ ପଡିଛନ୍ତି। ଏହାଫଳରେ ଦକ୍ଷତା ସମ୍ପନ୍ନ କର୍ମଚାରୀ ନିରୁତ୍ସାହିତ ହୋଇପଡିଛନ୍ତି। ଜଙ୍ଗଲ ନଷ୍ଟ କରି ଖଣିଜ ପଥର ଲୁଟ ହୋଇ ଆସୁଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଘଟଗାଁ ରେଞ୍ଜ ଦେଓବନ୍ଧ ସେକ୍ସନ ବାରବାଙ୍କ ଜଙ୍ଗଲରେ ଜାନୁୟାରୀ ମାସ ୨ତାରିଖରେ ଏକ ଅଣ୍ଡିରା ହାତୀ ଛୁଆର ମୃତ୍ୟୁ ହୋଇଥିଲା। ଉକ୍ତ ହାତୀ ଛୁଆର ମୃତ୍ୟୁ କେଉଁ କାରଣରୁ ହେଲା ତାହା ଜଣାପଡିନଥିବାବେଳେ ଏବେ ଉକ୍ତ ସେକ୍ସନର ଫରେଷ୍ଟର ପୁଷ୍ପଲତା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏପରିକି ହାତୀ ଟ୍ରାକିଂ ରିପୋର୍ଟରେ ବାରବାଙ୍କ ଜଙ୍ଗଲରେ ହାତୀ ନଥିବା ରିପୋର୍ଟ କରାଯାଇଥିଲା। ତେବେ ଉକ୍ତ ଜଙ୍ଗଲରେ ଏକ ହାତୀ ଛୁଆ ମରିବା ପରେ ଟ୍ରାକିଂ ତଥ୍ୟ ଉପର ଠଉରିଆଭାବେ ଦିଆଯାଉଥିବା ସ୍ପଷ୍ଟ ହୋଇଥିଲା। ହାତୀ ଟ୍ରାକିଂ ରିପୋର୍ଟରେ ଯେଉଁଠି ହାତୀ ନଥିଲା ସେଠାରେ ହାତୀ ଛୁଆ କିପରି ମଲା ତାହା ଆଲୋଚ୍ୟର ବିଷୟ ହୋଇଥିଲା। ଏହି ଘଟଣାରେ ଦୋଷୀ ବନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଡିଏଫଓ ପ୍ରଶଂସାପତ୍ର ଦେବା ଘଟଣା ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ପାଟଣା ରେଞ୍ଜର ଫରେଷ୍ଟର ମୋହିନୀ ମହାନ୍ତ ଏବଂ ଫରେଷ୍ଟ ଗାର୍ଡ଼ ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ପୂର୍ବରୁ କାମ କରୁଥିବା ସ୍ଥାନରେ ବନୀକରଣରେ ଅନୀୟମିତା ଅଭିଯୋଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଏହି ଦୁଇ ବନ କର୍ମଚାରୀଙ୍କୁ କେଉଁ ଆଧାରରେ ସମ୍ବର୍ଦ୍ଧିତ କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଡିଏଫଓ ଅଫିସର ଜଣେ ଅଧିକାରୀଙ୍କ ଚାପରେ ରେଞ୍ଜ ଅଫିସରମାନେ କେତେକ ଯୋଗ୍ୟତା ନଥିବା ଦୁର୍ନିତୀ ଏବଂ ଅପାରଗ କର୍ମଚାରୀଙ୍କ ନାମ ଦେଇଥିବା ନେଇ ବିଭାଗୀୟ କର୍ମଚାରୀ ମହଲରେ ଆଲୋଚନା ହେଉଛି। ତେବେ ଏହାର ସତ୍ୟାସତ୍ୟ ଓ ପ୍ରଶଂସିତ ହୋଇଥିବା କର୍ମଚାରୀମାନଙ୍କ ଯୋଗ୍ୟତା ଯାଂଚ କରିବାକୁ ଡିଏଫଓ ଙ୍କ ନିକଟରେ ଦାବୀ ହେଉଛି।

# କେନ୍ଦୁଝର ଜିଲ୍ଲାରେ ୨୩୭ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ନିମନ୍ତେ ପୋଲିସ ତରଫରୁ ଅତି ସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ଜିଲ୍ଲାର ୩୭୫୪ ଟି ବୁଥ୍ ମଧ୍ୟରୁ ୨୩୭ ଟି ବୁଥ୍ ଅତି ସମ୍ବେଦନଶୀଳ ଥିବାବେଳେ ୩୫୫ ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକରେ ୨୨୬ ଟି ବୁଥ୍ ରହିଥିବାବେଳେ ସେଥିମଧ୍ୟରୁ ୫ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୩ଟି ବୁଥ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ବାଂଶପାଳ ବ୍ଲକରେ ୨୬୦ଟି ବୁଥ୍ ରହିଥିବାବେଳେ ୧୨ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୫ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସେହିପରି ଚମ୍ପୁଆ ବ୍ଲକରେ ୨୬୨ଟି ବୁଥ୍ ରହିଥିବାବେଳେ ୧୧ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୩୩ଟି ବୁଥ୍ ସମ୍ବେଦନଶୀଳ,ଘସିପୁରା ବ୍ଲକରେ ୩୫୩ଟି ବୁଥ୍ ରହିଥିବାବେଳେ ୩୩ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୪ଟି ବୁଥ୍ ସମ୍ବେଦନଶୀଳ,ଘଟଗାଁ ବ୍ଲକରେ ୩୦୮ଟି ବୁଥ୍ ରହିଥିବାବେଳେ ୧୦ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୩୭ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ହରିଚନ୍ଦନପୁର ବ୍ଲକରେ ୩୨୧ଟି ବୁଥ୍ ରହିଥିବାବେଳେ ୧୬ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୪୨ଟି ବୁଥ୍ ସମ୍ବେଦନଶୀଳ,ହାଟଡିହି ବ୍ଲକରେ ୪୧୯ଟି ବୁଥ୍ ରହିଥିବାବେଳେ ୨୯ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୪୨ଟି ବୁଥ୍ ସମ୍ବେଦନଶୀଳ,ଝୁମ୍ପୁରା ବ୍ଲକରେ ୨୬୫ଟି ବୁଥ୍ ରହିଥିବାବେଳେ ୧୯ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୨ଟି ବୁଥ୍ ସମ୍ବେଦନଶୀଳ,ଯୋଡା ବ୍ଲକରେ ୨୫୯ଟି ବୁଥ୍ ରହିଥିବାବେଳେ ୧୨ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୩୦ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଏଥିସହ କେନ୍ଦୁଝର ସଦର ବ୍ଲକରେ ୩୩୩ଟି ବୁଥ୍ ରହିଥିବାବେଳେ ୪୦ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୯ଟି ବୁଥ୍ ସମ୍ବେଦନଶୀଳ,ପାଟଣା ବ୍ଲକରେ ୨୬୮ଟି ବୁଥ୍ ରହିଥିବାବେଳେ ୧୦ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୯ଟି ବୁଥ୍ ସମ୍ବେଦନଶୀଳ,ସାହାରପଡା ବ୍ଲକରେ ୨୩୨ଟି ବୁଥ୍ ରହିଥିବାବେଳେ ୨୧ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୧୫ଟି ବୁଥ୍ ସମ୍ବେଦନଶୀଳ ଏବଂ ତେଲକୋଇ ବ୍ଲକରେ ୨୪୮ଟି ବୁଥ୍ ରହିଥିବାବେଳେ ୧୯ଟି ବୁଥ୍ ଅତି ସମ୍ବେଦନଶୀଳ ଓ ୨୪ଟି ବୁଥ୍ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ଜିଲ୍ଲାରେ ରହିଥିବା ଅତି ସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍‌ରେ ନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜଣାପଡିଛି।

## ବ୍ରହ୍ମପୁରରେ 'ରାଷ୍ଟ୍ରପିତାଙ୍କ ଅସମ୍ମାନ-ସହିବ ନାହିଁ ହିନ୍ଦୁସ୍ତାନ'ର ପ୍ରତିବାଦ ସଭା

ବ୍ରହ୍ମପୁର (ପିଏନ୍): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରବିବାର ନବୀନ ଭବନ ଠାରେ 'ରାଷ୍ଟ୍ରପିତାଙ୍କ ଅସମ୍ମାନ-ସହିବ ନାହିଁ ହିନ୍ଦୁସ୍ତାନ' ଶୀର୍ଷକ ଏକ ନୀରବ ପ୍ରତିବାଦ ସଭାର ଆୟୋଜନ କରାଯାଇଛି। ନବୀନର ସମ୍ପାଦକ ତଥା ହିନ୍ଦ୍ ମଜଦୁର ସଭାର ରାଜ୍ୟ ଉପସଭାପତି ଏବଂ ବରିଷ୍ଠ ସାମ୍ବାଦିକ ରବି ରଥ, ସାମ୍ବାଦିକ ବିଘ୍ନେଶ୍ୱର ସାହୁ, ନବୀନ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ କପିଳ ମହାନ୍ତି, ସହ ସମ୍ପାଦକ ସୁଶାନ୍ତ କର, କବି ବି. ସତ୍ୟମ୍ ଆଚାରୀ, ବସନ୍ତ ଅଧିକାରୀ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମାଜସେବୀ ରାମକୃଷ୍ଣ ପାତ୍ର, ବିଜୟ ରଥ, ଯୁଧିଷ୍ଠିର ମହାରଣା, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ନୀରବ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ଦୁନିଆରେ ଭାରତର ପରିଚୟ କେବଳ ମହାତ୍ମା ଗାନ୍ଧୀ। ମହାତ୍ମା ଗାନ୍ଧୀଙ୍କ ତ୍ୟାଗପୁତ ଜୀବନ ଓ ବଳିଦାନ ଯୋଗୁ ଭାରତ ସ୍ୱାଧୀନତା ଲାଭ କରିବା ସହ ଅନେକ ଘଟଣାବଳୀକୁ ଏ ଜାତି କେବେ ଭୁଲିବ ନାହିଁ ବୋଲି ବକ୍ତାମାନେ ନିଜ ନିଜ ଉଦବୋଧନରେ ସ୍ମରଣ କରିଥିଲେ।

## ଓକିଲ ସଂଘର ସହିଦ ଦିବସ ପାଳନ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର କୋର୍ଟ ପରିସରରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ଜାତୀର ଜନକ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ତଥା ସହିଦ ଦିବସ ପାଳନ ହୋଇଥିଲା। ରାମଧୂନ୍ କରାଯାଇ ପୁଣ୍ୟାତ୍ମା ବାପୁଜୀଙ୍କୁ ପ୍ରତିମୂର୍ତିରେ ଓକିଲମାନେ ଭକ୍ତିପୂତ ଶ୍ରଦ୍ଧାଳି ଜଣାଇଥିଲେ। ଏଥି ସହ ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମଧ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ମହାତ୍ମା ଗାନ୍ଧିଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ସଂଘର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜ୍ କିଶୋର ଦାସ, ସଂଗଠନ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧକ୍ଷ ଲିଙ୍ଗରାଜ ମହାରଣା, କାର୍ଯ୍ୟକାରୀ କମିଟି ସଭ୍ୟ ସୁରେଶ କୁମାର ଦାସ, ଅଭିଜିତ୍ ମିଶ୍ର, ସବ୍ୟସାଚି ସୂତାର, ରମାକାନ୍ତ ରାଉତରାୟ, ଲିଙ୍ଗରାଜ ସାହୁ, ସଦାନନ୍ଦ ଦାସ ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀମାନେ ସାମିଲ ହୋଇଥିଲେ।

# ମୋଦୀ ସରକାର ଚାଷୀମାନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି !

ଭୁବନେଶ୍ୱର(ପିଏନ୍): ଐତିହାସିକ କୃଷକ ଆନ୍ଦୋଳନର ଚାପରେ କୃଷକ ବିରୋଧୀ ତିନି କଳା କୃଷି ଆଇନ ବାତିଲ କରିବା ପାଇଁ ମୋଦି ସରକାର ବାଧ ହୋଇଥିଲେ। ଏହା ସହିତ କୃଷକ ମାନଙ୍କର ଅନ୍ୟାନ୍ୟ ସମସ୍ତ ନ୍ୟାୟପୂର୍ଣ୍ଣ ଦାବି ଗୁଡିକୁ ପୂରଣ କରିବା ପାଇଁ ପ୍ରତିଶୃତି ଦେଇ ଡିସେମ୍ବର ୨ ତାରିଖ ରେ ସଂଯୁକ୍ତ କିଷାନ ପ୍ରତିଶ୍ରୁତି ଦେଇ ଡିସେମ୍ବର ୯ ତାରିଖରେ ସଂଯୁକ୍ତ କିଷାନ ମୋର୍ଚ୍ଚା କୁ ଚିଠି ଦେବା ପରେ ଡିସେମ୍ବର ୧୧ ତାରିଖରେ ଆନୁଷ୍ଠାନିକ ଭାବେ କୃଷକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଘୋଷିତ ପ୍ରତିଶୃତିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ମୋଦି ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାଁନ୍ତି । ମୋଦି ସରକାରଙ୍କ କୃଷକ ମାନଙ୍କୁ ଦେଇଥିବା ପ୍ରତିଶୃତି ଖିଲାପ କରି ବିଶ୍ୱାସଘାତକତା କରିଛନ୍ତି । ଆଜି ଏହା ପ୍ରତିଶୃତି ଖିଲାଫ ବିରୋଧରେ ସାରା ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ "ବିଶ୍ୱାସ ଘାତକତା ଦିବସ" ପାଳନ କରାଯାଉଛି । ଓଡିଶାର ରାଜଧାନୀ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ସଂଗଠିତ ହୋଇ ଯାଇଛି । ଚାଷୀର ସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି.)କୁ ଆଇନଗତ ମାନ୍ୟତା, ସହୀଦ କୃଷକ ପରିବାରମାନଙ୍କୁ ଉପଯୁକ୍ତ ଆର୍ଥିକ ସହାୟତା, କୃଷକମାନଙ୍କ ବିରୋଧରେ ହୋଇଥିବା ସମସ୍ତ ମୋକଦ୍ଦମା ପ୍ରତ୍ୟାହାର କରିବା, ଲକ୍ଷ୍ମୀପୁର ଖେରୀ କୃଷକ ଗଣହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଶାସ୍ତି ପ୍ରଦାନ, ଜନ ବିରୋଧୀ, କୃଷକ ବିରୋଧୀ ବିଦ୍ୟୁତ ବିଲ-୨୦୨୦କୁ ପ୍ରତ୍ୟାହାର କରିବା ପାଇଁ ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ । ଏହି ସମସ୍ତ ପ୍ରତିଶ୍ରୁତି ଗୁଡିକୁ ପୂରଣ କରିବା ଦାବୀରେ ଆନ୍ଦୋଳନକୁ ପୁଣି ତୀବ୍ରତର କରାଯିବ ବୋଲି ସଂଯୁକ୍ତ କିଷାନ୍ ମୋର୍ଚ୍ଚା ତରଫରୁ କୁହାଯାଇଛି । ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଅନୁଷ୍ଠିତ ଏହି ଆନ୍ଦୋଳନରେ ସର୍ବଶ୍ରୀ ରାମଚନ୍ଦ୍ର ଖୁଣ୍ଟିଆ, ସୁରେଶ ପାଣିଗ୍ରାହୀ, ଅଭିରାମ ବେହେରା, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ରାଧାକାନ୍ତ ସେଠି, ମହେନ୍ଦ୍ର ପରିଡା, ଜ୍ୟୋତି ରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରା, ଦେବ ପ୍ରସାଦ ରାୟ, ପୁର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ସୁଦର୍ଶନ ପ୍ରଧାନ, ଚିନ୍ମୟ ଦାସ, ମହମ୍ମଦ ସୁକୁର, ପ୍ରଦୀପ୍ତ ନାୟକ, ପ୍ରମୋଦିନୀ ସାହୁ, ରମେଶ ଜେନା, ପ୍ରଭାତ ପାଣିଗ୍ରାହୀ, ବଂଶୀଧର ପରିଡା, ଜୟରାମ ଜେନା, ଜୟନ୍ତ ଦାସ, ଚାମ୍ବରୁ ସୋରେନ୍, ଦେବାଶୀଷ ଖମାରୀ, ନସିମ୍ ସରକାର, ପ୍ରମୁଖ ବହୁ କୃଷକ, ଶ୍ରମିକ, ଯୁବ-ଛାତ୍ର ନେତୃବୃନ୍ଦ ଅଂଶ ଗ୍ରହଣ କରିଥିଲେ ।

# ୨୦ ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇ ଚର୍ଚ୍ଚାରେ ରକ୍ତଦାତା ସୋମନାଥ ପ୍ରସାଦ



କେନ୍ଦ୍ରାପଡ଼ା (ପିଏନ୍): ୨୦ଜଣ ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରି ସେମାନଙ୍କୁ ଆସନ୍ନ ବିପଦରୁ ରକ୍ଷା କରିଛନ୍ତି କେନ୍ଦ୍ରାପଡ଼ା ସହରର ରକ୍ତଦାତା ସୋମନାଥ ପ୍ରସାଦ ଦାସ। ସେ କେବଳ ଗର୍ଭବତୀ ମହିଳାଙ୍କୁ ରକ୍ତ ଦାନ କରନ୍ତି। କୌଣସି ଗର୍ଭବତୀ ମହିଳାଙ୍କ ଜଟିଳ ଅସ୍ତ୍ରୋପଚାର ଆବଶ୍ୟକ ପଡିଲେ କେନ୍ଦ୍ରାପଡ଼ା ବ୍ଲଡ ବ୍ୟାଙ୍କ ପକ୍ଷରୁ ତାଙ୍କୁ ଖୋଜାପଡିଥାଏ। କାରଣ ସେ ଗର୍ଭବତୀମାନଙ୍କୁ ରକ୍ତ ଦେବାକୁ ପସନ୍ଦ କରିଥାନ୍ତି। ଏହି ସ୍ୱେଚ୍ଛାସେବୀ ରକ୍ତଦାତା ଜଣକ ହେଉଛନ୍ତି କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ବାସିନ୍ଦା ସୋମନାଥ ପ୍ରସାଦ ଦାସ। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କୁହନ୍ତି ଯେ ମୁଁ ଯେତେବେଳେ କଲେଜରେ ପାଠ ପଢୁଥିଲି ସେତେବେଳେ ଜଣେ ଗର୍ଭବତୀ ମହିଳାଙ୍କ ରକ୍ତର ଆବଶ୍ୟକତା ପଡିଲା। ମୋର ବ୍ଲଡ ଗ୍ରୁପ ଏବି(+) ପଜିଟିଭ। ଯଦି ମହିଳାଙ୍କୁ ଏହି ଗ୍ରୁପର ରକ୍ତ ଦିଆ ନ ଯିବ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯିବ ଓ ଆବଶ୍ୟକ ପଡିଲେ ତାଙ୍କର ମୃତ୍ୟୁ ହୋଇପାରେ ବୋଲି ଡାକ୍ତର କହିଥିଲେ। ଏହି ଘଟଣାକୁ ନେଇ ଏବି ପଜିଟିଭ ଥିବା ରକ୍ତଦାତାଙ୍କ ଖୋଜା ପଡିଥିଲା। ତାଙ୍କର ଜଣେ ସାଙ୍ଗ ଏ ସମ୍ପର୍କରେ ତାଙ୍କୁ ଖବର ଦେଇଥିଲେ। ତାଙ୍କ ସାଙ୍ଗ ଏ ସମ୍ପର୍କରେ ତାଙ୍କୁ କହିବା ପରେ ସେ ରକ୍ତ ଦେବାକୁ ଆଗେଇ ଯାଇଥିଲେ। ଫଳରେ ଉଭୟ ମା' ଓ ଶିଶୁ ସୁରକ୍ଷିତ ରହିଥିଲେ। ସେହି ଦିନରୁ ସେ ଶପଥ ନେଇଥିଲେ ଯେ ଗର୍ଭବତୀ ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ରକ୍ତ ଦାନ କରିବେ ବୋଲି। ସେବେଠାରୁ ୨୦ ଜଣ ଗର୍ଭବତୀ ମହିଳାଙ୍କୁ ସୋମନାଥ ରକ୍ତଦାନ କରିଛନ୍ତି। ଆଗକୁ ଅଧିକ ସଂଖ୍ୟକ ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରିବେ ବୋଲି ସେ କହିଛନ୍ତି। ସେ କହିଛନ୍ତି ଗୁରୁତର ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ମଧ ରକ୍ତଦାନ କରିବା ଉଚିତ। ହେଲେ ଗର୍ଭବତୀଙ୍କୁ ରକ୍ତଦାନ କଲେ ଉଭୟ ମା' ଓ ଶିଶୁଙ୍କ ଜୀବନ ବଞ୍ଚି ଯିବ। ଏହି ଲକ୍ଷ ନେଇ ସେ ଗର୍ଭବତୀଙ୍କୁ ରକ୍ତଦାନ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସୋମନାଥ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଛନ୍ତି। ସୋମନାଥ ଏବେ ଏକ ଘରୋଇ ମୋବାଇଲ ସର୍ଭିସିଂ ସେଣ୍ଟରର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି।

## ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ

ବ୍ରହ୍ମପୁର (ପିଏନ୍): ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବ ସ୍ଥାନୀୟ ଆମ୍ବପୁଆସ୍ଥିତ ପ୍ରତିଷ୍ଠାନର କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାନର ସଭାପତି ବିଜୟ କୁମାର ରଥ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ପ୍ରଫେସର ଡ଼ା. ପି.ସି. ସାହୁ ଯୋଗଦେଇ ଓଡ଼ିଶାର ଦୃଷ୍ଟିହୀନମାନଙ୍କ ଶିକ୍ଷା ଏବଂ ଥଇଥାନ ଦିଗରେ ବିଜୟ ରଥଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଇଂ. ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମାଜସେବୀ ଡ଼. ଡ଼ମ୍ବରୁଧର ସାହୁ, ଭଗବତ ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଇଂ. ଜୟଦେବ ପ୍ରଧାନ, ନବୀନର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମାଜସେବୀ ରାମକୃଷ୍ଣ ପାତ୍ର, ଦୃଷ୍ଟିହୀନ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ନବୀନ ଶତପଥୀ, ନିତ୍ୟାନନ୍ଦ ପାଢ଼ୀ, ରଜନୀକାନ୍ତ ପାଢ଼ୀ, କପିଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନର ଦୀର୍ଘ ୨୫ ବର୍ଷର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୩ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବା ସହ ପ୍ରଫେସର ପି.ସି. ସାହୁ, ଡ଼. ଡ଼ମ୍ବରୁଧର ସାହୁ, ଏସ. ପ୍ରକାଶ ଚନ୍ଦ୍ର ପାତ୍ର ଓ ଇଂ. ଜଗଦୀଶ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ଦୃଷ୍ଟିହୀନ ବିଦ୍ୟାଳୟର ଅଧକ୍ଷା ମାଳତୀ ପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ୟାମସୁନ୍ଦରପୁର ପଞ୍ଚାୟତର ୩ ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ହେବ କଡ଼ା ଟକ୍କର






କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ରହିଛି ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ। ଏହି ପଞ୍ଚାୟତରେ ମୁଖ୍ୟତଃ ୨୦ଟି ୱାର୍ଡ ରହିଛି। ସେହିପରି ଏହି ପଞ୍ଚାୟତରେ ଶ୍ୟାମସୁନ୍ଦରପୁର, ଦୂତିଆଳ, ପୁରୁଷୋତ୍ତମପୁର, ମରଡ଼ପୁର ଓ ହାଲପୁର ପ୍ରଭୃତି ରାଜସ୍ୱ ଗ୍ରାମ ରହିଛି। ଏହି ପଞ୍ଚାୟତର ସମିତି ସଭ୍ୟ ପଦରେ ଏବେ ୩ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ତିନି ଜଣ ପ୍ରାର୍ଥୀ ହେଉଛନ୍ତି ଉର୍ମିଳା ସେଠୀ, ଅମ୍ବିକା ସେଠୀ ଓ ସଜନୀ ମଲିକ। ଏହି ପଞ୍ଚାୟତରେ ସମିତିସଭ୍ୟ ପଦ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ପଞ୍ଚାୟତରେ ମୁଖ୍ୟତଃ ଗମନାଗମନ, ପରିମଳ, ପାନୀୟ ଜଳ, ଆଲୋକୀକରଣ ଭଳି ସମସ୍ୟା ରହିଛି। ସମିତିସଭ୍ୟ ପ୍ରାର୍ଥୀ ଉର୍ମିଳା ସେଠୀଙ୍କ ମତରେ ଉତ୍ସବେ ବ୍ୟସନେ ଚୈବ ଦୁର୍ଭିକ୍ଷେ ରାଷ୍ଟ୍ର ବିପ୍ଳବେ, ରାଜଦ୍ୱାରେ ଯଃ ତିଷ୍ଠତି ସଃ ବାନ୍ଧବଃ। ସେ କହିଛନ୍ତି ଯେ ମୁଁ ଲୋକମାନଙ୍କ ସୁଃଖ ଦୁଃଖର ସାଥୀ ହେବା ପାଇଁ ଏହି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛି। ଲୋକଙ୍କ ଯେକୌଣସି ସମସ୍ୟା ରହିବ ତାହାକୁ ସମାଧାନ କରିବା ପାଇଁ ମୁଁ ଚେଷ୍ଟା କରିବି। ଅନ୍ୟ ଜଣେ ପ୍ରାର୍ଥୀ ଅମ୍ବିକା ସେଠୀ କୁହନ୍ତି ପ୍ରତି ଗାଁରେ ଶୌଚାଳୟ କରିବି। କାରଣ ମୁଁ ଦେଖୁଛି ଲୋକମାନେ ବିଲରେ ମଳତ୍ୟାଗ କରୁଛନ୍ତି।



ଏହାଦ୍ୱାରା ପରିବେଶ ପ୍ରଦୁଷଣ ହେଉଛି। ସେହିପରି ପ୍ରତି ୱାର୍ଡରେ ଆବର୍ଜନା କୁଣ୍ଡ ରଖିବି। ୩୩୫ ଲୋକଙ୍କର ବାକିଥିବା ଗ୍ରାମୀଣ ଆବାସ ଯୋଜନାରେ ଘର କରାଇ ଦେବି। ପଞ୍ଚାୟତର ମହିଳାମାନଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି କରିବି। ଅନ୍ୟ ଜଣେ ପ୍ରାର୍ଥୀ ସଜନୀ ମଲିକ କୁହନ୍ତି ବୃଦ୍ଧବୃଦ୍ଧାମାନଙ୍କ ସେବା କରିବି। ସେମାନଙ୍କ ପାଇଁ ରହିଥିବା ସମସ୍ତ ଯୋଜନା କାର୍ଯ୍ୟକାରୀ କରାଇବି। ସବୁ ଲୋକଙ୍କୁ ଆବାସ ଯୋଜନା ପ୍ରଦାନ କରିବି। ଏଥିସହ କୌଣସି ଲୋକ ଯେପରି ଭତ୍ତା ପାଇବାରୁ ବଞ୍ଚିତ ନ ହେବେ ସେଥିପ୍ରତି ଆବଶ୍ୟକ ଧ୍ୟାନ ଦେବି।

## ଘଷିପୁରା ବ୍ଲକରେ ଶତାଧିକ ପ୍ରାର୍ଥୀପତ୍ର ନାକଚ

ଘଷିପୁରା (ପିଏନ୍):ଚଳିତ ତ୍ରିସ୍ତରୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ପଦବୀରେ ନାମାଙ୍କନପତ୍ର ଦାଖଲ କରିଥିବା ଶତାଧିକ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିବା ଜଣାପଡିଛି । ଘଷିପୁରା ବ୍ଲକର ୨୫ଗୋଟି ପଂଚାୟତର ମୋଟ୍ ୩୫୩ ୱାର୍ଡରେ ୬୭୦ଜଣ ପ୍ରାର୍ଥୀ ୱାର୍ଡସଭ୍ୟ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ବେଳେ ତନ୍ମଧ୍ୟରୁ ୭୦ଜଣ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଛି । ସେହିପରି ୨୫ ସରପଂଚ ପ୍ରାର୍ଥୀ ନିମେଁ ଦାଖଲ କରିଥିବା ୧୪୩ଜଣ ନାମାଙ୍କନ ପତ୍ର ମଧ୍ୟରୁ ୨୮ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଛି । ସେଥି ମଧ୍ୟରୁ ବଳରାମପୁର ପଂଚାୟତର ୨ଜଣ, ବାତୋର ୨ଜଣ, ଦେଓଗାଁରେ ୩ଜଣ, ମଦନପୁରରେ ୬ଜଣ, ସାଇଁକୂଳର ୫ଜଣ, ବରିପାଳ ଓ ଦରଡିପାଳ ପଂଚାୟତରେ ଜଣେ ଲେଖାଏଁ ହୋଇଥିବା ବେଳେ ଗଡବାନ୍ଧଗୋଡା ପଂଚାୟତରେ ଜଣେ, ପୁରୁଣାବାନ୍ଧଗୋଡାରେ ୨ଜଣ, ରାମଚନ୍ଦ୍ରପୁରର ୨ଜଣ, ଗୋହିରା ପଂଚାୟତରେ ୩ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ଜଣାପଡିଛି । ସେହିପରି ସମିତିସଭ୍ୟ ପଦବୀ ପାଇଁ ୯୬ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ତରୁଆଁ ଓ ଶାମୁକାନାଣ୍ଡି ପଂଚୟତର ଜଣେ ଲେଖାଏଁ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ନ୍ୱଳକ୍ଷ ହୋଇ ୯୪ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବା ସୂଚନା ମିଳିଛି । ମାତ୍ର ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଫେବୃଆରୀ ୦୨

# ପାରଗ ଅପାରଗ



ସବଳ ଅତିବଳ ମାନେ ପାରଗ, ଦୁର୍ବଳ ହୀନବଳମାନେ ଅପାରଗ। ଦୁର୍ବଳମାନଙ୍କୁ ବଳ ରାଜା ଦେଇପାରନ୍ତି, ରୋଗ ଭୋକ୍ତା ସ୍ୱାସ୍ଥ୍ୟହାନି ଅବସ୍ଥାସମ୍ପନ୍ନକୁ ଡାକ୍ତର ଓ ଔଷଧ ସବଳ କରାଇଥାନ୍ତି। ଅପାରଗ ଶିଶୁର କାନ୍ଦଣା ହିଁ ବଳ। ଏସବୁ ପାରଗ, ଅପାରଗର ଧାରା। ଭିନ୍ନ ଦୃଷ୍ଟିରେ ତର୍ଜମା କଲେ ବୁଝାପଡ଼ିବ ଯେ ସମୟ ଅନୁସାରେ ସମସ୍ୟା ଆଗତରେ ଯେ ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି ସେ ପାରଗ, ଯେ ହାରିଗଲା ଫେଲ ହୋଇଗଲା ସେ ଅପାରଗ ପୁଣି ଅପାରଗଙ୍କ ସନ୍ତ୍ୱନା ବି ଧାରା କିଛି ଲଗାଯାଇଛି ଶତକଡ଼ା ଧାରା, ଏଥିରେ କେତେ ସଂଖ୍ୟାରେ ଅପାରଗ କେତେ ସଂଖ୍ୟା ପାରଗ ଧାର୍ଯ୍ୟ କରି କିଛି ତୋଷର ବ୍ୟବସ୍ଥା କରିଦିଆଯାଉଛି। ଭୋଟ ଲଢ଼େଇରେ ଜନମତ ଏକ ସ୍ଥାନ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ପାଇଁ ନିଆଯାଉଛି। ଯେ ଅଧିକ ଭୋଟ ପାଉଛି ତାକୁ ହିଁ ଜିତାପଟରେ ନିଆଯାଉଛି। ଯେ ତାଙ୍କ ଠାରୁ କମ ଭୋଟ ପାଉଛନ୍ତି ତାଙ୍କର ତୋଷ କିଛି ନାହିଁ। ବରଂ ସେ ଲଢ଼ାଇରେ ହାର ଅର୍ଥହରା, ସମୟହରା ଏକ ପ୍ରକାର ଲାଞ୍ଛିତ, ଅପମାନିତ ସ୍ତରରେ ରହୁଛନ୍ତି। ଚାକିରୀ ପାଇଁ ଇଣ୍ଟରଭ୍ୟୁରେ ଜିତିଗଲେ ଚାକିରୀ ହୋଇଯାଏ, ଏପରି ଧାରାରେ ପୂର୍ବେ ଦରମା ହାର ଏକ ନିର୍ଦ୍ଦିଷ୍ଟ ହାରରେ ଧାର୍ଯ୍ୟ ରହି ସମୟାନ୍ତରକୁ ପଇସା, ପଦବୀ ବଢ଼ି ବଢ଼ି ଚାଲୁଥିଲା। ମାତ୍ର ଏମିତି ସମୟ ଆସିଗଲାଣି ଚାକିରୀ ପାଇଁ ପାଉଣା କେତେ ନେବେ ଚାକିରୀଆଙ୍କୁ ଏବେ ପଚରାଯାଉଛି। ଅବଶ୍ୟ କମ୍ପାନୀ, ଠିକାଦାରୀ, ଚାକିରୀରେ ଏପରି ନିୟମ ଲଗାଯାଇଛି। ଯଦି ପ୍ରାର୍ଥୀ ପଇସା ଅଧିକା କହୁଛି ଚାକିରୀ କାଳେ ନ ମିଳିବ? ଯଦି କମ୍ କହୁଛି କାମର ସମୟର ପରିସୀମାରେ ଧାର୍ଯ୍ୟ କାର୍ଯ୍ୟଟି ସାରି ସେ ଦିନର କାର୍ଯ୍ୟ ଅବ୍ୟାହତି ନେବା ସମୟ ଏମିତି ନିଜର ଖାଇବା ପିଇବା ଶୟନାଦିରୁ ସମୟ କାଟିବାକୁ ପଡୁଛି। କର୍ମଚାରୀଙ୍କ ମଧ୍ୟରେ ସ୍ଥାୟୀମାନଙ୍କର ଭବିଷ୍ୟତ ଅଛି। ଅସ୍ଥାୟୀମାନଙ୍କର ଭବିଷ୍ୟତ କିଛି ନାହିଁ ଅଥଚ ଅସ୍ଥାୟୀମାନେ ଯେତେ ଯେମିତି କାମ କରୁଛନ୍ତି ସ୍ଥାୟୀମାନେ ଏପରି ଠିକ୍ ସମୟରେ ଠିକ କାମ କରିବା ସବୁ କ୍ଷେତ୍ରରେ ସଠିକ ନୁହେଁ। ସ୍ଥାୟୀମାନେ ସ୍ୱ-ଚାକିରୀର ଦରମା ଦୃଷ୍ଟେ ନିଜର ଋଣ ନେବା ଆଦି କାର୍ଯ୍ୟ ସହଜରେ କରିପାରୁଛନ୍ତି, ଅଥଚ ଅସ୍ଥାୟୀମାନେ ପ୍ରକୃତରେ ଏସବୁରେ ଅପାରଗ। ସରକାର ରେଲବାଇ ଟିକେଟରେ, ଉଡାଜାହାଜ ଟିକଟରେ ଯାତ୍ରୀଙ୍କର ବର୍ଗୀକରଣ କରିଛନ୍ତି। ଦାରିଦ୍ର୍ୟ ନିର୍ଦ୍ଧାରଣରେ ଅନେକଙ୍କୁ ସହାୟତା ଏକ ନିର୍ଦ୍ଦିଷ୍ଟ କାନୁନରେ କରାଇଛନ୍ତି। ଯେକୌଣସି ଲୋକର ବୟସ ସର୍ବଦା ଯୁବକଯୁବତୀ ବୟସ ରଖାଇ ସଦାକର୍ମମୁଖର ରଖାଇ ନ ପାରେ। ଯେ ଶ୍ରମକରି ବିଭିନ୍ନ ଉପାୟ କରି ରୋଜଗାର କରୁଥିବେ ତାହା ସମୟକୁ ରୁଦ୍ଧ ହୋଇଯାଇପାରେ। ଅନେକ ବିୟୋଗର, ରୋଜଗାରୀ ମରିଯାଇପାରେ, ଦୈବୀ ଦୁର୍ଘଟଣା, ବଢ଼ି, ମରୁଡ଼ି, ମହାବାତ୍ୟା, ମହାମାରୀରେ ସମ୍ପତ୍ତି ହାନି ଲୋକ ମରଣ ବୃତ୍ତିଚ୍ଛେଦ ଆଦି ଘଟୁଛି, ଏଥିପାଇଁ ତୁରନ୍ତ ରାଜନଥିରେ ଏସବୁ ତଦାରଖ କରାଯାଇ କିଛି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ସରକାର ଶୂନ୍ୟ ଟଙ୍କାରେ ବ୍ୟାଙ୍କ ଏକାଉଣ୍ଟ ଖୋଲି ଟଙ୍କା ମଧ୍ୟରେ ମଧ୍ୟରେ ଭରୁଛନ୍ତି ଲୋକଙ୍କୁ ପଡ଼ି ମାର୍ଫତ ଖାଦ୍ୟ ଦ୍ରବ୍ୟ ଦେଉଛନ୍ତି। ଏହାପୁଣି ବର୍ଷ ବର୍ଷ ହେଲେ ସେ ଲୋକଙ୍କର କ'ଣ ଉନ୍ନତି ହେଉଛି ତାହା ତଦାରଖ କେହି କରୁଛନ୍ତି କି? ଗ୍ରାମର ଜନସଂଖ୍ୟା କ'ଣ ବଢୁନାହିଁ ତେବେ କ୍ଷେତ୍ର ଚାଷରେ ଆସୁନାହିଁ କାହିଁକି? କ୍ଷେତ୍ର ପଡ଼ିଆ କାହିଁକି ରହୁଛି? ସରକାରଙ୍କ ହାତରେ ପ୍ରତି ଜମିଜମାର କାଗଜ ନକ୍ସା ଏବେ ଉପଲବ୍ଧ, କେଉଁ ଜମିରେ ଫସଲ ହେଲା ନ ହେଲା କେହି ରାଜସ୍ୱ କର୍ମଚାରୀ ତଦନ୍ତ କରି ପ୍ରକାଶ ପାଇଁ ରଖିଲେଣି କି? ସରକାର କେଉଁ ମନ୍ଦିରରେ କେତେ ଧନ ନିତ୍ୟ ଭକ୍ତ ଦେଉଛନ୍ତି, ଏଥିରେ ଯୋର ଦେଉଛନ୍ତି ହେଲେ ଚାଷଜମି କାହିଁକି ଚାଷ ନକରି ବ୍ୟକ୍ତି ପକାଇ ରଖିଛନ୍ତି ଏ ବିଷୟରେ କାହିଁକି ତଦାରଖ କରୁନାହାଁନ୍ତି? ସରକାର ଜଳସେଚନ ସୁବିଧା, ମଞ୍ଜି ସୁବିଧା ଦେଇବି, ଲୋକେ କେବଳ ଧାନ ଚାଷ କରି ଦେଇ ଅନ୍ୟ ସମୟ ଜମି ପଡ଼ିଆ କାହିଁକି ରଖୁଛନ୍ତି? ଏକଥା କ'ଣ ଜାଣିବା ଜରୁରୀ ନୁହଁ? ଅନ୍ୟ ରାଜ୍ୟର ଆଳୁ, ପିଆଜ, ପନିପରିବା ଆମଦାନୀ କରାଯିବା କ'ଣ ସରକାର ଜାଣୁନାହାଁନ୍ତି? ତାହା ଏ ରାଜ୍ୟରେ କ'ଣ ହୋଇପାରିବ ନାହିଁ? ପ୍ରତି ପଞ୍ଚାୟତରେ କେତେ ଜମି ଅଛି କ'ଣ କ'ଣ ଚାଷ ହେଉଛି ଜଳସେଚନ ସୁବିଧା କେତେ? କେତେ କୃଷି ଶ୍ରମିକ, କେତେ ଶ୍ରମ ସେ ଗ୍ରାମରେ ବର୍ଗକୁ ଆବଶ୍ୟକ। କୃଷିଭିତ୍ତିକ କି କି ଶିଳ୍ପ ସେଠାରେ ହୋଇପାରେ ଏ ପାଇଁ ଲୋକଙ୍କୁ ବୁଝାଇ ଶିକ୍ଷା ଦେଇ ଗ୍ରାମଗୁଡ଼ିକରେ କ'ଣ ଅର୍ଥନୈତିକ ବ୍ୟୟ ଆଗେଇ ନେଇ ହେବନାହିଁ? ପୂର୍ବର ପରମ୍ପରା ବୃତ୍ତି ସ୍ୱାଧୀନତା ପରେ ପରେ ବିଲୁପ୍ତ ହେଲେ ଲୋକଙ୍କ ଚଳନୀ ପାଇଁ ଯେତେ ପ୍ରକାର ଦ୍ରବ୍ୟ ଦରକାର ତାକୁ ବିଚାର କରି ତାର କୁଟୀର ଶିଳ୍ପ ଢାଞ୍ଚାରେ ତାଲିମ ଦେଇ କ'ଣ କାମ କରାଇ ହେବନାହିଁ। ସ୍କୁଟି, ମଟର ସାଇକେଲ, ଟ୍ରାକ୍ଟର, ପାୱାର ଟିଲର, ପାଣିପମ୍ପ ପରି ଯନ୍ତ୍ରଗୁଡ଼ିକ ମରାମତି କାମ ଗ୍ରାମ୍ୟଯୁବକମାନଙ୍କୁ ଶିକ୍ଷା ଦେଲେ କ'ଣ କିଛି ଜଟିଳତା ଅଛି କି? କାଠ ଦୁକୁରାରେ କବାଟ, ଚୌକୀ ପ୍ରସ୍ତୁତି ଶିକ୍ଷା କ'ଣ ଦେଇହେବନାହିଁ? ଗ୍ରୀଲ ଗେଟ, ଓଳେଇ ଲୁହାରେ ପ୍ରସ୍ତୁତି ଶିକ୍ଷା ଦେଇହେବନାହିଁ? ବଡ଼ି, ପାମ୍ପଡ଼, ଛତୁ ଏସବୁରେ ନାରୀମାନେ କ'ଣ ଶିକ୍ଷା ପାଇପାରିବେ ନାହିଁ। ଆଧୁନିକ ବସ୍ତ୍ର ସାୟାରରେ ବ୍ଲାଉଜ, ସାୟା ପ୍ରସ୍ତୁତି କ'ଣ ଗ୍ରାମ୍ୟ ନାରୀମାନେ କରିପାରିବେ ନାହିଁ? ନେତାଙ୍କୁ କେନ୍ଦ୍ରକରି ଗ୍ରାମ୍ୟ ଠିକାଦାରୀ କାର୍ଯ୍ୟମାନ ସାଧନ ହେବା ଦେଖାଯାଉଛି। ଏହାକୁ ନେତା ନିରାକଣ କରିପାରନ୍ତି ମାତ୍ର କାର୍ଯ୍ୟର ମୂଲ୍ୟାୟନ ଓ କାର୍ଯ୍ୟର ଶୃଙ୍ଖଳା ପାଇଁ ଏକ ସରକାରୀ ସଂସ୍ଥା ଓ ସ୍ଥାନୀୟ ପଞ୍ଚାୟତ ସ୍ତରର ଲୋକେ କରିଲେ ଅର୍ଥ ବାଟମାରଣା କମ୍ ହୁଅନ୍ତା। ପଞ୍ଚାୟତରେ ଏମିତି ବ୍ୟବସ୍ଥା ଯୋଡ଼ାଯାଉ ଯେଉଁ ବ୍ୟକ୍ତି ବୃତ୍ତି ଉଦ୍ଦେଶ୍ୟରେ ଗ୍ରାମ ଛାଡୁଛନ୍ତି, ସେମାନଙ୍କର ସ୍ଥିତି ଓ କେଉଁ ସଂସ୍ଥାରେ କାମ ମୃତ୍ୟୁୟନ ଅଛନ୍ତି ତାହା ନୋଟ୍ ହୋଇ ରହୁ। ଅନେକ ବିଦେଶରେ ଚାକିରି ପାଇଁ ଯାଇ ସେଠାରେ କିଛି ଅସୁବିଧା ଭୋଗିଲେ ତାଙ୍କର ବ୍ୟକ୍ତିଗତ ଜୀବନ ଅନେକଙ୍କୁ ଅଜଣା ରହୁଛି। ପାଠକେ ଏଥିରେ କ'ଣ ପାରଗ, କ'ଣ ଅପାରଗ ବିଚାର କରନ୍ତୁ। ଲୋକେ ପାରଗ କି ସରକାର କର୍ତ୍ତୃପକ୍ଷ ପାରଗ ଏହା ଭାବନ୍ତୁ। ସରକାର କେବେ ଅପାରଗ ନୁହନ୍ତି, ହେଲେ ମାନସିକ ଭାବରେ ଭିନ୍ନମାନ ହୋଇ ସମୟ ଦୃଷ୍ଟେ ପାରଗ ହୋଇପାରୁନାହାଁନ୍ତି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

## ଆଜିର ଅନୁଚିନ୍ତା

**ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମେମାନେ ଭୟ କରିବା ଉଚିତ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
E-mail: editorpbkc@gmail.com
9853400829 (M), Fax: 0674-2550504

# ମା' ପରି ମା'ଟିଏ : ସ୍ୱର୍ଗତଃ ପଦ୍ମଶ୍ରୀ ଶାନ୍ତିଦେବୀ

ଲୋକନାଥ ପଣ୍ଡା



ଅନେକଙ୍କର ସେ ବୋଉ ଥିଲେ। ଅନ୍ତେବାସୀ ହୁଅନ୍ତୁ କିମ୍ବା ଯିଏ ଶାନ୍ତିଦେବୀଙ୍କ ସଂସ୍ପର୍ଶରେ ଆସିଛି, ସେ ବୋଉ ହୋଇଯାଇଛନ୍ତି। ମାଆର ସ୍ନେହ ପାଇଛନ୍ତି। ଅନେକଙ୍କର ଅପା ହୋଇଛନ୍ତି। ଅପାର ସ୍ନେହ ପାଇଛନ୍ତି। ଏହିଭଳି ଅନେକ ବ୍ୟକ୍ତିତ୍ୱ ଶାନ୍ତିଦେବୀଙ୍କ ଜୀବନ ସହ ସମ୍ପର୍କ ଯୋଡ଼ି ହେଇଥିଲେ, ଅନେକଙ୍କୁ ସେ ପ୍ରେରଣା ଯୋଗାଉଥିଲେ। ଦୀର୍ଘ ୭୦ ବର୍ଷ ଏହିଭଳି ଆଦିବାସୀ ଅଂଚଳରେ ଅବହେଳିତ ବର୍ଗର ବାଳିକା, ଶିଶୁ, ଜନସାଧାରଣଙ୍କ ସେବା ଯୋଗାଇ ଆସୁଥିଲେ। ଏଥିପାଇଁ ୨୦୨୦ ମସିହାରେ ଭାରତ ସରକାର ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିବା ପାଇଁ ଘୋଷଣା କରିଥିଲେ। ନିଜର ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଗତ ନଭେମ୍ବର ୨୦୨୧ ମସିହାରେ ମହାମାନ୍ୟ ରାଷ୍ଟ୍ରପତିଙ୍କ ଗହଣରୁ ପଦ୍ମଶ୍ରୀ ଉପାଧି ଗ୍ରହଣ କରିଥିଲେ।

ରାୟଗଡ଼ା ଜିଲ୍ଲାରେ ଶାନ୍ତିଦେବୀ ଅନେକଙ୍କ ପାଇଁ ସେବା, ଶାନ୍ତି ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। କେତେବେଳେ ସେ ବିଚଳିତ ହେଉ ନ ଥିଲେ। ପିଲାଟି ଦିନରୁ ସବୁବେଳେ ବିପଦପୂର୍ଣ୍ଣ ପଥ ବାଛିଛନ୍ତି, କିନ୍ତୁ କେବେ ସେ ସେହି ପଥରେ ଚାଲିବାରେ ଶଙ୍କା ପ୍ରକଟ କରିନାହାନ୍ତି। ୧୭ ବର୍ଷରୁ ଜୀବନରେ ପାଠ ଛାଡ଼ି ସ୍ୱାମୀଙ୍କ ସହିତ ଅପହଞ୍ଚ, ଦୁର୍ଗମ ଓ ଆଦିବାସୀବହୁଳ ଅଂଚଳରେ ସେବା ଉଦ୍ଦେଶ୍ୟରେ ନିଜକୁ ସମର୍ପିତ କରି ଜୀବନର ଶେଷ ପର୍ଯ୍ୟନ୍ତ ସେବା ଯୋଗାଇ ଆସୁଥିଲେ। ଗାନ୍ଧୀ ଓ ବିନୋବାଙ୍କ ଦ୍ୱାରା ପ୍ରଭାବିତ ହୋଇ ଅତି ସ୍ୱଚ୍ଛରେ ଚଳିବା ଶିଖିଛନ୍ତି। ଅବହେଳିତ ବର୍ଗଙ୍କୁ ସେବା ଶୁଶ୍ରୁଷା ଯୋଗାଇ ଦେଇଛନ୍ତି। ରତନ ଦାସ ଚାହିଁଥିଲେ ଜଣେ ଓକିଲ ହୋଇ ବେଶ୍ ଅର୍ଥ ରୋଜଗାର କରିପାରିଥା'ନ୍ତେ, ସେ ମଧ୍ୟ ଗାନ୍ଧୀଙ୍କ ବିଚାରଧାରାରେ ସାମିଲ ହୋଇ ସେବା ଯୋଗାଇବା ଉଦ୍ଦେଶ୍ୟରେ ଅବିଭକ୍ତ କୋରାପୁଟରେ ଏ ଅଞ୍ଚଳରୁ ସେ ଅଂଚଳକୁ ବୁଲିଛନ୍ତି। ଶାନ୍ତିଦେବୀ ଶାନ୍ତିର ପ୍ରତୀକ ଥିଲେ। ଅନେକ ଶାନ୍ତି ଅଭିଯାନରେ ନିଜକୁ ସାମିଲ କରିଛନ୍ତି ଓ ଏଥିରେ ସଫଳ ହୋଇଛନ୍ତି। ଅନ୍ନପୂର୍ଣ୍ଣା ମହାରଣା ହୁଅନ୍ତୁ, ରମାଦେବୀ ହୁଅନ୍ତୁ, ମାଳତୀ ଚୌଧରୀ ହୁଅନ୍ତୁ, ସ୍ୱାଧୀନତା ସଂଗ୍ରାମ ହେଉ କିମ୍ବା ପରବର୍ତ୍ତୀ ସମୟରେ ଗାନ୍ଧୀ ବିଚାରଧାରା ଓ ବିନୋବାଙ୍କ ବିଚାରଧାରାରେ ସମୃଦ୍ଧ ହୋଇ ଏହି ପଥକୁ ବାଛିଛନ୍ତି ଏବଂ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ସେଥିରେ ସାମିଲ କରିଦେଇଛନ୍ତି।

ଶାନ୍ତିଦେବୀଙ୍କର ସମାଜ ପ୍ରତି ଯେଉଁ ଅବଦାନ ରହିଛି, ସେଥିମଧ୍ୟରୁ କିଛି ଅଂଶବିଶେଷ ଏଠାରେ ଆଲୋଚନା କରିବା ସମୀଚୀନ ହେବ। ତାଙ୍କର ସାହିତ୍ୟ ସୃଷ୍ଟି ସମ୍ପର୍କରେ ଆଲୋଚନା କଲାବେଳେ ସେ କେତେ ମାତ୍ରାରେ ଅଧ୍ୟୟନ କରିଛନ୍ତି, ଗଭୀର ଭାବରେ ପୁସ୍ତକଗୁଡ଼ିକୁ ଭେଦ କରିଛନ୍ତି, ଅନେକ ପୁସ୍ତକ ଅନୁବାଦ କରିଛନ୍ତି, ସେଗୁଡ଼ିକ ମଧ୍ୟରେ ଅଧିକାଂଶ ବିନୋବାଜୀଙ୍କ ଦ୍ୱାରା ଲିଖିତ ପୁସ୍ତକ। ବିନୋବାଜୀଙ୍କ ଦ୍ୱାରା ନିଜର କର୍ମମୟ ଜୀବନ ଆରମ୍ଭଠାରୁ ବେଶ୍ ପ୍ରଭାବିତ ହୋଇଛନ୍ତି। ସର୍ବୋଦୟ ଆନ୍ଦୋଳନରେ ନିଜକୁ ସାମିଲ କରାଇଛନ୍ତି। ଜଣେ ବିଶିଷ୍ଟ ଜମିଦାର ଘରର ଝିଅ ହୋଇ ମଧ୍ୟ କୋରାପୁଟ ଅଂଚଳରେ ରହି ନିଜକୁ ସେବାରେ ନିୟୋଜିତ କରିଛନ୍ତି। ପ୍ରାଥମିକ ସ୍ତରରେ ସାମାଜିକ ସେବା, ରୋଗୀ ସେବାକୁ ଗୁରୁତ୍ୱ ଦେବାବେଳେ ପରବର୍ତ୍ତୀ ସମୟରେ ଅବହେଳିତ ବର୍ଗର ବାଳିକାଙ୍କ ଶିକ୍ଷାକୁ ଅତି ଗୁରୁତ୍ୱ ଦେଇଛନ୍ତି।

ବୟସକୁ ଆଧାର କରି ନିଜର ସେବା ଜାରି ରଖିଛନ୍ତି। ସବୁଠାରୁ ବଡ଼ କଥା ହେଲା ସେ ଶିଶୁ, ବାଳିକା, କିଶୋରୀମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇଛନ୍ତି। ଅନେକ ବାଳିକାଙ୍କ ପାଇଁ ସେ ଉଦାହରଣ ପାଲଟି ଯାଇଥିଲେ।

ଶାନ୍ତିଦେବୀ ପାବନ ପୁରୁଷ ଶ୍ରୀରାମକୃଷ୍ଣଙ୍କ ସମ୍ପର୍କରେ ଲେଖିବା ବେଳେ ପୁସ୍ତକ ସମ୍ପର୍କରେ ସୂଚନା ଦେବାକୁ ଯାଇ ଲେଖିଛନ୍ତି, "ମୁଁ ଯେତେଥର ଶ୍ରୀରାମକୃଷ୍ଣଙ୍କ ବିଷୟରେ ଅଧ୍ୟୟନ କରିବାର ସୁଯୋଗ ପାଇଛି, ସେତେଥର ସେଥିରୁ ନୂଆ ନୂଆ ଆନନ୍ଦ ମିଳିଛି। ଜଣେ ସାଧାରଣ ମଣିଷ ପରି ତାଙ୍କର ଜୀବନଧାରଣ, ରହଣି, ସହଣୀ, ରାଗ, ଅନୁରାଗ, ଆଶା ଆକାଂକ୍ଷା ଭିତରେ ଥାଇ ମଧ୍ୟ ଭଗବତ୍ ସତ୍ତା ଉପଲବ୍ଧି ପାଇଁ ତାଙ୍କର ଯେଉଁ ସାଧନା ଏବଂ ବ୍ୟାକୁଳତା, ତାହା ମୋ' ପରି ବହୁ ସାଧାରଣ ମଣିଷଙ୍କୁ ଉଦ୍‌ବୁଦ୍ଧ କରିଛି। ସତ୍ୟ, ପ୍ରେମ, କରୁଣା, ବିଶ୍ୱାସ ଏବଂ ସମର୍ପଣ ଭାବନାକୁ ଅଭ୍ୟାସ କରିବା ପାଇଁ ଚେଷ୍ଟା କରିବାର ବାଟ ଦେଖାଇଛନ୍ତି। ଏହାଦ୍ୱାରା ଈଶ୍ୱର ସତ୍ତାର ଉପଲବ୍ଧି ହୋଇପାରିବ। ସତ୍ୟ କହିବା ପାଇଁ ସେ ସବୁଠାରୁ ବେଶୀ ଜୋର୍ ଦେଇଛନ୍ତି। ଈଶ୍ୱରଙ୍କୁ ସେ 'ମା' ରୂପରେ ପୂଜା କରୁଥିଲେ ଏବଂ 'ମା'ଙ୍କ ରୂପରେ ସେ ବହୁବାର ଈଶ୍ୱରଙ୍କ ଦର୍ଶନ ଲାଭ କରିଛନ୍ତି।'' ଶାନ୍ତିଦେବୀ ସମାଜ ସେବା ସହିତ ଭକ୍ତିଯୋଗରେ ମଧ୍ୟ ବେଶ୍ ଆଗରେ। ପାବନ ପୁରୁଷ ଶ୍ରୀରାମକୃଷ୍ଣ, ଦିବ୍ୟ ସାନ୍ନିଧ ପଢ଼ିଲେ ଏହା ଅନୁଭୂତ ହୁଏ।

ବିନୋବାଙ୍କ ଦ୍ୱାରା ଲିଖିତ ଶାନ୍ତିଦେବୀଙ୍କ ଦ୍ୱାରା ଓଡ଼ିଆରେ ଉପସ୍ଥାପିତ ଦିବ୍ୟ ସାନ୍ନିଧ ପଢ଼ିଲେ ଏବଂ ପ୍ରକୃତରେ ଦିବ୍ୟ ସାନ୍ନିଧ୍ୟ ଦେଇଥାଏ। ପଦ୍ମଶ୍ରୀ ଶାନ୍ତିଦେବୀ ମଧ୍ୟ ବିନୋବାଙ୍କ ଲିଖିତ ପୁସ୍ତକ 'ମହାଗୁହା ମେଁ ପ୍ରବେଶ'କୁ ଅତି ସରଳ, ହୃଦୟଙ୍ଗମ କରିବା ଭଳି ଭାଷାରେ 'ଦିବ୍ୟ ସାନିଧ୍ୟ' ନାମରେ ନାମିତ କରିଛନ୍ତି। ଶ୍ରୀମତୀ ଶାନ୍ତିଦେବୀ ଯେହେତୁ ବିନୋବାଜୀଙ୍କୁ ଅତି ନିକଟରୁ ଦେଖିଛନ୍ତି, ତାଙ୍କ ସହ ଭାବବିନିମୟର ସୌଭାଗ୍ୟ ପାଇଛନ୍ତି। ଏହି ଦୃଷ୍ଟିକୁ ଏହି କାର୍ଯ୍ୟଗୁଡ଼ିକ ସହିତ ସଂପୃକ୍ତ ହୋଇ ରହିଥିବାରୁ ସେ ଦିବ୍ୟ ସାନ୍ନଧ୍ୟ ପୁସ୍ତକଟି ମଧ୍ୟ ପଢ଼ିଲେ ଜଣେ ଦିବ୍ୟ ଅନୁଭବର ମାର୍ଗ ପାଇବ।

ବିନୋବାଜୀଙ୍କ ଆତ୍ମଜୀବନୀ ଅହିଂସାର ଅନ୍ୱେଷଣ ମଧ୍ୟ ଶାନ୍ତିଦେବୀଙ୍କ ଦ୍ୱାରା ଅନୁଦିତ ହୋଇ ଶିକ୍ଷାସନ୍ଧାନ ଦ୍ୱାରା ପ୍ରକାଶିତ ହୋଇଛି। ଶ୍ରୀମତୀ ଶାନ୍ତିଦେବୀ ନିଜର ସମାଜ କଲ୍ୟାଣ କାର୍ଯ୍ୟକ୍ରମର ବ୍ୟସ୍ତତା ଭିତରେ ଏହି ଅନୁବାଦ ପ୍ରସ୍ତୁତ କରିପାରିଥିଲେ। ତାଙ୍କ ମତରେ, "ବିନୋବାଜୀ ସ୍ୱାଧୀନତାର ସଂଗ୍ରାମ ଘନଘଟା ମଧ୍ୟରେ ସେ ନିଜର ଜ୍ଞାନପିପାସା ଚରିତାର୍ଥ କରିବାପାଇଁ ବହୁ ଶାସ୍ତ୍ର ପୁରାଣ ଓ ଜ୍ଞାନଗର୍ଭକ ଆଲୋଚନା, ଅନୁସନ୍ଧାନ କରୁଥିଲେ। ବିନୋବାଙ୍କ ପ୍ରଭାବରେ ଓଡ଼ିଶାରେ ଭୂଦାନ, ଗ୍ରାମଦାନ, ଶ୍ରମଦାନ, ସମ୍ପତ୍ତିଦାନର ଏକ ସୁଦୂରପ୍ରସାର ପ୍ରଭାବ ଓଡ଼ିଶାରେ ପ୍ରଭାବ ପକାଇଥିଲା ଓ ଏଥିରେ ଅନେକ ସଫଳତା ପାଇଥିଲା ଏବଂ ଏଥିରେ ଜଣେ ସୈନିକ ଭାବରେ ନିଜକୁ ସମର୍ପିତ କରିଥିଲେ। ସେ ଜଣେ ସମ୍ମାନାସ୍ପଦ, ମର୍ଯ୍ୟାଦାବନ୍ତ ବ୍ୟକ୍ତିତ୍ୱ। ସେ ଜଣେ ଆଲୋକିତ ବ୍ୟକ୍ତିତ୍ୱ, ଯାହାଙ୍କ ଆଲୋକରେ ଆମେ ଆଜି ଆଲୋକିତ ହୋଇଛୁ। ସେ ଗୁରୁଠାରୁ



ମଧ୍ୟ ଅଧିକ।" ଶାନ୍ତିଦେବୀ ତୁଳସୀ ଦାସକୃତ ରାମାୟଣକୁ ମଧ୍ୟ ପଦ୍ୟାନୁବାଦ ଭାବରେ ଲେଖିଛନ୍ତି ଏବଂ ଏହା ଶିକ୍ଷାସନ୍ଧାନ ଦ୍ୱାରା ପ୍ରକାଶିତ ହୋଇଛି। ରାମାୟଣର ପଦ୍ୟାନୁରୂପରେ ୨୦୧୩ ମସିହାରେ ପ୍ରକାଶିତ ଅବସରରେ ସେ ଲେଖିଛନ୍ତି, "ବର୍ତ୍ତମାନ ପୃଥିବୀରେ ଚାରିଆଡ଼େ ହିଂସା ବଢ଼ିବାରେ ଲାଗିଛି। ଦୁଃଖ, କଷ୍ଟ, ଅଭାବ, ଅନାଟନ, ହତ୍ୟା, ବ୍ୟଭିଚାର, ଭ୍ରଷ୍ଟାଚାରରେ ସାରା ପୃଥିବୀ ଅସ୍ତବ୍ୟସ୍ତ। ଏପରିକି ବିଜ୍ଞାନ ମଧ୍ୟ ତା'ର ସମସ୍ତ ଶକ୍ତି ଖଟାଇ ପୃଥିବୀକୁ ଯେଉଁ ଭୋଗବିଳାସର ପ୍ରାଚୁର୍ଯ୍ୟ ଭିତରକୁ ଠେଲି ଦେଇଛି ତା'ର ଭବିଷ୍ୟତ ଯେ ଧ୍ୱଂସାଭିମୁଖୀ ଏ କଥା ବୁଝିବାକୁ ବାକି ନାହିଁ। ସର୍ବୋପରି ମଣିଷ ସମାଜର ମାନବିକ ମୂଲ୍ୟବୋଧର ଅବକ୍ଷୟ ଏତେ ଦ୍ରୁତଗତିରେ ବଢ଼ିଚାଲିଛି ଯେ ତହିଁରୁ ରକ୍ଷାପାଇବା ପାଇଁ ସାଧାରଣ ମଣିଷ ନିଜକୁ ନିତାନ୍ତ ଅସହାୟ ମନେକରୁଛି।। ଏପରି ସମୟରେ ଜଗତର ସୁଖ, ଶାନ୍ତି, ପ୍ରେମ, ଶ୍ରଦ୍ଧା ଭଲ ପାଇବା ବିଶ୍ୱାସ ଏବଂ ପରସ୍ପର ପ୍ରତି ଆସ୍ଥା ଫେରାଇ ଆଣିବା ପାଇଁ ପ୍ରତ୍ୟେକ ସାଧାରଣ ଲୋକ ଉଦ୍‌ବିଗ୍ନ ହୋଇ ରହୁଛି। ଏତିକିବେଳେ ଶ୍ରୀରାମଚରିତ ମାନସ ପରି ଏକ ଉପାଦେୟ, ସରଳ ଏବଂ ଆଧ୍ୟାତ୍ମିକ ଗ୍ରନ୍ଥ ସାଧାରଣ ଲୋକମାନଙ୍କୁ ଏହିସବୁ ଆଶଙ୍କା ଭିତରୁ ଉଦ୍ଧାର କରିବାରେ ସହାୟକ ହେବାର ଆଶା କରୁଛି। ସେହିଦୃଷ୍ଟିରୁ ଶ୍ରରାମ ଚରିତ ମାନସକୁ ଓଡ଼ିଆରେ ପଦ୍ୟାନୁବାଦ କରି ସାଧାରଣ ଲୋକଙ୍କ ପାଖରେ ପହଂଚାଇବାର ପ୍ରୟାସ କରୁଛି। ପୁଣି ଆଶା କରୁଛି ଏହା ସାଧାରଣ ଲୋକଙ୍କ ଦ୍ୱାରା ଆଦୃତ ହୋଇ ସୁସ୍ଥ ସମାଜ ପରିବର୍ତ୍ତନ କାର୍ଯ୍ୟରେ ସହାୟକ ହେବ।"

ଶ୍ରୀମତୀ ଶାନ୍ତିଦେବୀ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କର ରବୀନ୍ଦ୍ର ସଂଗୀତ ମଧ୍ୟ ପିଲାଟି ଦିନରୁ ଭଲ ପାଇଛନ୍ତି।... ବିଶ୍ୱକବିଙ୍କର କବିତାରୁ କେତେକ କବିତା ଓଡ଼ିଆରେ ଅନୁବାଦ କରିଛନ୍ତି ଏହାକୁ ନେଇ ସଞ୍ଚୟିତା ଭାବରେ ପ୍ରକାଶିତ ହୋଇଛି।

ସମାଜସେବାରେ ସମର୍ପିତା ଶାନ୍ତିଦେବୀ ହେଉଛନ୍ତି ବିଶିଷ୍ଟ ସର୍ବୋଦୟ ନେତା ତଥା ସମାଜସେବୀ ଶ୍ରୀ ରତନ ଦାସଙ୍କ ଧର୍ମପତ୍ନୀ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ହେଉଛି ତାଙ୍କର ସେବା-ସାଧନାର ପୀଠ। ୧୯୫୧ରେ ବିବାହିତ ଜୀବନ ଆରମ୍ଭ କରିବା ପରେ ସ୍ୱାମୀ ବିଶିଷ୍ଟ ସମାଜକର୍ମୀ ରତନ ଦାସଙ୍କ ସହ କୋରାପୁଟ ଆସନ୍ତି ଏବଂ ୧୯୫୩ରୁ କୁଷ୍ଠରୋଗୀ, ଯକ୍ଷ୍ମା ଚିକିତ୍ସା ଆଦିରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରନ୍ତି। ୧୯୫୫ରେ ଆର୍ଯ୍ୟ ବିନୋବାଜୀଙ୍କ ଭୂଦାନ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଇ ତାଙ୍କ ସହିତ ପଦଯାତ୍ରାରେ ସାମିଲ ହୁଅନ୍ତି। ଆଦିବାସୀଙ୍କ କଲ୍ୟାଣ ଏବଂ ଅନାଥ ବାଳିକା, ଅସହାୟ ମହିଳାଙ୍କ ଉନ୍ନତି ପାଇଁ ଉତ୍କଳ ନବଜୀବନ ମଣ୍ଡଳରେ ଯୋଗଦେଇ ଦେଇ ତା'ର ଯୁଗ୍ମ ସଂପାଦକ ଭାବରେ କାର୍ଯ୍ୟ କରନ୍ତି। ୧୯୬୪ରେ ରାୟଗଡ଼ାରେ ପ୍ରତିଷ୍ଠା କରନ୍ତି "ସେବା ସମାଜ''। ୧୯୭୦ରେ ଖଦୀ ଗ୍ରାମୋଦ୍ୟୋଗ ବିଦ୍ୟାଳୟ ଗୋପାଳବାଡ଼ିରେ ଅଧ୍ୟାପିକା ଭାବରେ କାର୍ଯ୍ୟ କରନ୍ତି ଏବଂ ପରେ ଓଡ଼ିଶା ଭୂଦାନ ଯଜ୍ଞ ସମିତି ସଂପାଦନା ଦାୟିତ୍ୱ ତୁଲାନ୍ତି।

ସମାଜରେ ଘଟୁଥିବା ପରିସ୍ଥିତି ସମ୍ପର୍କରେ ଚିନ୍ତା ପ୍ରକଟ କରିଆସିଛନ୍ତି ଏବଂ ଏହା ବିରୋଧରେ ପ୍ରତିକ୍ରିୟା ମଧ୍ୟ ସୃଷ୍ଟି କରିଛନ୍ତି। ଆଦିବାସୀ ଅଂଚଳରେ ବାଳିକା ଶିକ୍ଷା ଉପରେ ବିଶେଷ ଭାବରେ ଗୁରୁତ୍ୱ ଦେଇଛନ୍ତି। ସବୁ ସମୟରେ ତାଙ୍କର କର୍ମ, ଶ୍ରମ ଓ ଧ୍ୟାନ ମଧ୍ୟରେ ସମନ୍ୱୟ ରହୁଥିଲା। ଭକ୍ତିଯୋଗରେ ମଧ୍ୟ ସେ ବେଶ୍ ଆଗଧାଡ଼ିରେ। ତାଙ୍କର ଲେଖାଗୁଡ଼ିକ ପଢ଼ିଲେ ଅନେକ ଏହାକୁ ଅନୁଭବ କରିବେ। ସବୁରି ମୂଳରେ କିନ୍ତୁ ତାଙ୍କର ଶିଶୁମାନଙ୍କ ଏବଂ ମୁଖ୍ୟତଃ ବାଳିକା, କିଶୋରୀ ବାଳିକାଙ୍କ ପାଇଁ ଅନେକ ପ୍ରେରଣାର ଉତ୍ସ ହୋଇ ରହି ଆସିଥିଲେ। ଯେକୌଣସି ଶିଶୁଟି ସେବା ସମାଜରେ ନିଜକୁ ସୁରକ୍ଷିତ ସହିତ ମାତୃସ୍ନେହ ପାଇବା ସହିତ ଏକ ସୁନାଗରିକ ଭାବରେ ଯେପରି ନିଜକୁ ଗଢ଼ିପାରିବ, ତାହାକୁ ସ୍ୱପ୍ନ ଦେଖୁଥିଲା।

ସ୍ୱର୍ଗତଃ ଶାନ୍ତିଦେବୀଙ୍କ ଜୀବନରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କର ପ୍ରଭାବ ପଡ଼ିଛି। ଗାନ୍ଧୀ ହୁଅନ୍ତୁ, ବା ବିନୋବା ଭାବେ ହୁଅନ୍ତୁ, ରବୀନ୍ଦ୍ର ଟାଗୋର ହୁଅନ୍ତୁ ବା ରାମକୃଷ୍ଣ ପରମହଂସ ହୁଅନ୍ତୁ, ଗୋପବନ୍ଧୁ ଚୌଧୁରୀ ହୁଅନ୍ତୁ ବା ରମାଦେବୀ ହୁଅନ୍ତୁ, କିମ୍ବା ରତନ ଦାସଙ୍କ ଭଳି ସହକର୍ମୀ ହୁଅନ୍ତୁ, ଏହିମାନଙ୍କ ପ୍ରଭାବ ଦ୍ୱାରା ଅନେକ ପରିପକ୍ୱ ହୋଇପାରିଛନ୍ତି ଶାନ୍ତିଦେବୀ ଏବଂ ଉପାନ୍ତ ଅଂଚଳରେ ସାମାଜିକ କାର୍ଯ୍ୟ ନିମନ୍ତେ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ଅନେକ ଆଂଚଳିକ ସ୍ତରରେ ହେଉ, ରାଜ୍ୟ ସ୍ତରରେ ହେଉ, କିମ୍ବା ରାଷ୍ଟ୍ରୀୟ ସ୍ତରରେ ମଧ୍ୟ ଅନେକ ସମ୍ମାନର ଅଧିକାରୀ ହୋଇଛନ୍ତି। ୧୯୯୪ ମସିହାରେ ସମାଜସେବା କ୍ଷେତ୍ରରେ ଜମୁନାଲାଲ ବାଜାଜ୍ ଭଳି ସମ୍ମାନଜନକ ସମ୍ମାନରେ ଭୂଷିତ ହୋଇଛନ୍ତି। ୧୯୯୧ ମସିହାରେ ଜାତୀୟ ସ୍ତରରେ ମହିଳାଙ୍କ କଲ୍ୟାଣ ପାଇଁ ରାଷ୍ଟ୍ରୀୟ ପୁରସ୍କାର, ନିଜର ଶେଷଜୀବନ ପର୍ଯ୍ୟନ୍ତ ଏହିଭଳି ବ୍ୟକ୍ତିତ୍ୱ ଅନେକ ସାମାଜିକ ଅନୁଷ୍ଠାନ ପାଇଁ ପ୍ରେରଣା ଯୋଗାଇ ଦେଇଆସିଛନ୍ତି। ଏହିଭଳି ବିଶିଷ୍ଟ ବ୍ୟକ୍ତିଙ୍କୁ ୨୦୨୦ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ପାଇଁ ଭାରତ ସରକାର ଘୋଷଣା କରିଥଲେ ଏବଂ ଗତ ୨୦୨୧ ନଭେମ୍ବର ମାସରେ ସେ ମହାମାନ୍ୟ ରାଷ୍ଟ୍ରପତିଙ୍କଠାରୁ ଉପାଧି ଗ୍ରହଣ କରିଥିଲେ। ସେ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହି ମହାନ୍ ଆତ୍ମା ପ୍ରତି ଅନ୍ତରରୁ ପ୍ରଣାମ!

*-ଚତୁର୍ଥ ଗଳି, ହାତିପଥର ରୋଡ୍, ରାଣୀଗୁଡ଼ା, ରାୟଗଡ଼ା-୭୬୫୦୦୧, ଦୂରଭାଷ: ୯୪୩୮୦୮୧୪୩୦*
**lokanath07@gmail.com**

# ଅନନ୍ୟ ଶିକ୍ଷକ ନେତା ଅଧ୍ୟାପକ ଭଗବାନ ଜେନା

ହିମାଂଶୁଶେଖର ଆଚାର୍ଯ୍ୟ

ବ୍ୟକ୍ତି ସମକାଳର। ବ୍ୟକ୍ତିତ୍ୱ ଚିରକାଳର। ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡ଼େ ସମାଜରୁ ରାଷ୍ଟ୍ରକୁ। ସେହିଭଳି ଜଣେ ଆଦର୍ଶ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସଂଗ୍ରାମୀ ଶିକ୍ଷକ ନେତା ଅଧ୍ୟାପକ ଭଗବାନ ଜେନା। ଏକାଧାରରେ ସେ ଥିଲେ ଜଣେ ସୁସଂଗଠକ, ସାମ୍ୟବାଦୀ ଚେତନାର ବାହକ, ସୁସାହିତ୍ୟିକ, ସମାଜସେବୀ ଓ ସର୍ବୋପରି ଜଣେ ସଫଳ ମଣିଷ। ଖାଲି ସେତିକି ନୁହେଁ ଅନେକଙ୍କର ସେ ଥିଲେ ସହଯୋଗୀ, ଅନେକଙ୍କର ଦିଗ୍‌ଦର୍ଶକ ଓ ଅନେକଙ୍କର ସେ ଥିଲେ ଆପଣାର ମଣିଷ। ଏହି ପ୍ରବୀଣ ଶିକ୍ଷକ ନେତା ଜନ୍ମ ନେଇଥିଲେ ୧୯୩୭ ମସିହା ଫେବୃଆରୀ ୧୩ ତାରିଖ କେନ୍ଦ୍ରାପଡା ଜିଲ୍ଲା ମେହେନ୍ଦିପୁର ଗ୍ରାମରେ। ତାଙ୍କର ଦେହାବସାନ ହେଲା ଫେବୃଆରୀ ମାସ ୨ ତାରିଖ ୨୦୧୭ ମସିହାରେ। ଦୀର୍ଘ ୮୦ ବର୍ଷର ଜୀବନକାଳ ମଧ୍ୟରେ ସ୍ମୃତିର ଅନେକ ସ୍ୱାକ୍ଷର ସେ ଛାଡିଯାଇଛନ୍ତି। ସେ ଆମ ପାଖରେ ସବୁଦିନ ପାଇଁ ଅପାଶୋରା ହୋଇ ରହିବେ।



୧୯୬୯ ମସିହାର ତତ୍‌କାଳୀନ ପରିସ୍ଥିତିରେ ବେସରକାରୀ ଶିକ୍ଷାନୁଷ୍ଠାନରେ ଚାକିରି ତାଳଗଛ ଛାଇ ସଦୃଶ ଥିଲା। ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା। ଯାହାଫଳରେ ସକାଳେ ଥିବା ଚାକିରି ସଞ୍ଜବେଳକୁ ନଥିଲା। ଶିକ୍ଷକମାନେ ଗୋଟି ଶ୍ରମିକଠାରୁ ଆହୁରି ଦୟନୀୟ ଅବସ୍ଥାରେ ଥିଲେ। ଏଭଳି ଦୁଃସ୍ଥିତିରୁ ଶିକ୍ଷକମାନଙ୍କୁ ମୁକ୍ତ କରିବା ପାଇଁ ବିଭିନ୍ନ ଶିକ୍ଷକ ସଂଗଠନର ନେତୃମଣ୍ଡଳୀଙ୍କୁ ନେଇ ୧୯୬୯ ମସିହା ଜୁଲାଇ ୨୭ ତାରିଖରେ ଖ୍ରୀଷ୍ଟ କଲେଜ ପରିସରରେ, ମୁଖ୍ୟାଂଶରେ ଥିଲେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ଚନ୍ଦ୍ର ମହାପାତ୍ର। ପ୍ରତ୍ୟେକ ସଂଘରୁ ପାଞ୍ଚଜଣ ଲେଖାଏଁ ନେତାଙ୍କୁ ଏହି କମିଟିର ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା। ଏହି କମିଟିରେ ଅଧ୍ୟାପକ ଭଗବାନ ଜେନା ଥିଲେ ଅନ୍ୟତମ ସଭ୍ୟ। ଶିକ୍ଷା ଆଇନ ପ୍ରଣୟନ ଓ ଶିକ୍ଷକମାନଙ୍କର ଚାକିରି ନିରାପତ୍ତା ଏବଂ ଚାକିରି ସର୍ତ୍ତାବଳୀ ଆଦି ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନଶନ ଓ ଧାରଣା ଆରମ୍ଭ ହେଲା। ଫଳସ୍ୱରୂପ ୧୯୬୯ ଶିକ୍ଷା ଆଇନ ବିଧାନସଭାରେ ପାସ୍ ହେବା ସହ ଶିକ୍ଷା ଆଇନ ଲାଗୁହେଲା।

୧୯୬୯ ଶିକ୍ଷା ଆଇନର ସଫଳତାକୁ ପୁଞ୍ଜିକରି ୧୯୭୧ ମସିହା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସରେ ଭୁବନେଶ୍ୱରସ୍ଥ ଭଞ୍ଜ କଳାମଣ୍ଡପରେ ଜନ୍ମଲାଭ କଲା ନିଖିଳ ଉତ୍କଳ ଶିକ୍ଷକ ମହାସଂଘ। ମିଳିତ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାଳ ସମାପ୍ତ ହେଲା। ଶିକ୍ଷକ ମହାସଂଘର ସଭାପତି ଭାବେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ଅଧ୍ୟାପକ ଅବନୀ ବରାଳ ସାଧାରଣ ସଂପାଦକ ଭାବେ ନିର୍ବାଚିତ ହେଲେ। ଭଗବାନବାବୁ କଲେଜ ଶିକ୍ଷକ ସଂଘର ପ୍ରତିନିଧିତ୍ୱ କରୁଥିବାରୁ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ରହିଥିଲେ। ଏଇଠି ତାଙ୍କ ଜୀବନର ଗତିପଥ ବଦଳିଗଲା। ଏହାପରେ ଶିକ୍ଷକ ମହାସଂଘର ଯୁଗ୍ମ-ସଂପାଦକ ଓ ନିଖିଳ ଉତ୍କଳ ଶିକ୍ଷକ ବେସରକାରୀ କଲେଜ ଶିକ୍ଷକ ସଂଘର ସଂପାଦକ ଓ ସଭାପତି ଭାବେ କାର୍ଯ୍ୟକରି ନିଜ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। ବିଶେଷକରି ଶିକ୍ଷକ ମହାସଂଘର ସର୍ବମାନ୍ୟ ନେତା ପ୍ରଫେସର ଅବନୀ ବରାଳଙ୍କ ସହ ତାଙ୍କର ସମ୍ପର୍କ ଅତି ଗଭୀର ଓ ନିବିଡ ଥିଲା, ଯାହା ଶିକ୍ଷକ ଆନ୍ଦୋଳନକୁ ପରିଚାଳିତ କରିବାରେ ବେଶ ସହାୟକ ହୋଇଥିଲା। ଭଗବାନ ଜେନା ପ୍ରଥମେ ଇଂରାଜୀ ବିଭାଗର ଅଧ୍ୟାପକ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଇଂରାଜୀ ସାହିତ୍ୟର ଜଣେ ସୁନାମଧନ୍ୟ ଅଧ୍ୟାପକ ଭାବେ ସେ ଜଣାଶୁଣା ଥିଲେ। ପରବର୍ତ୍ତୀ ସମୟରେ ପ୍ରାଣନାଥ ମହାବିଦ୍ୟାଳୟ ଖୋର୍ଦ୍ଧାରେ ଓ ପୁନଶ୍ଚ ୧୯୮୫ରୁ ୧୯୯୮ ମସିହା ପର୍ଯ୍ୟନ୍ତ କେନ୍ଦ୍ରାପଡା କଲେଜରେ ଅବସର ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହି ସମୟ ମଧ୍ୟରେ ୧୯୭୨ ମସିହା ଦରମା ସମୀକରଣ ଦାବି ଉପରେ ବ୍ୟାପକ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଯାହାର ଫଳସ୍ୱରୂପ ସରକାରୀ-ବେସରକାରୀ ଶିକ୍ଷକ-ଅଧ୍ୟାପକମାନଙ୍କର ଦରମା ହାର ସମୀକରଣ ହୋଇ ଲାଗୁହେଲା। ଶିକ୍ଷକ ମହାସଂଘର ବିପୁଳ ବିଜୟ ଘଟିଲା। ପୁଣି ୧୯୭୪ ମସିହା ଅଗଷ୍ଟ ୧୬ ତାରିଖ ଦାବି ଦିବସରେ ପୂର୍ଣ୍ଣ ବେତନ ଓ ପ୍ରତ୍ୟକ୍ଷ ବେତନ ଦାବି ରଖି ସରକାରଙ୍କୁ ମହାସଂଘ ପକ୍ଷରୁ ଚରମପତ୍ର ଦିଆଗଲା ଓ ୧୯୭୪ ଡିସେମ୍ବର ୧୭ ତାରିଖରେ ବିଧାନସଭା ସମ୍ମୁଖରେ ଆଇନଅମାନ୍ୟ ଆନ୍ଦୋଳନ ହେଲା। ଏହି ଆନ୍ଦୋଳନ ଥିଲା ଓଡ଼ିଶା ଇତିହାସର ଏକ ବିରଳ ଘଟଣା। ଫଳରେ ଏପ୍ରିଲ ପହିଲା ୧୯୭୫ରୁ ପୂର୍ଣ୍ଣ ଓ ପ୍ରତ୍ୟକ୍ଷ ଅନୁଦାନ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ



ପାଇଲା। ଖାଲି ସେତିକି ନୁହେଁ ୧୯୬୯ରୁ ୧୯୯୪ ମଧ୍ୟରେ ଶିକ୍ଷକ ମହାସଂଘ ପକ୍ଷରୁ ଯେତେଗୁଡ଼ିଏ ସଂଗ୍ରାମ ହୋଇଛି ସବୁଥିରେ ଭଗବାନ ଜେନାଙ୍କର ଅତୁଳନୀୟ ଅବଦାନ ଥିଲା।

ଅଧ୍ୟାପନା ଓ ସଂଗ୍ରାମୀ ଜୀବନରେ ବାନ୍ଧି ହୋଇଥିଲେ ସୁଦ୍ଧା ସାହିତ୍ୟ ସାଧନାରୁ ବିରତ ହୋଇ ନ ଥିଲେ ଭଗବାନବାବୁ। ରାଜ୍ୟର ଶିକ୍ଷା ବ୍ୟବସ୍ଥାର ତ୍ରୁଟିବିଚ୍ୟୁତି ଓ ତା'ର ସମାଧାନ କିପରି ହୋଇପାରିବ ତା' ଉପରେ ସେ ଧାରାବାହିକ ଭାବେ ଅନେକ ଲେଖା ଲେଖିଯାଇଛନ୍ତି। ପ୍ରାୟ ପ୍ରତିମାସ ଶିକ୍ଷକ ଦର୍ପଣ, ଶିକ୍ଷା ପ୍ରଦୀପ ଓ ଶିକ୍ଷା ସମସ୍ୟାରେ ତାଙ୍କର ବହୁ ମୂଲ୍ୟବାନ ନିବନ୍ଧ ପ୍ରକାଶିତ ହୋଇଥାଏ। ସମ୍ବାଦପତ୍ରମାନଙ୍କରେ ମଧ୍ୟ କ୍ରମାଗତ ଭାବେ ସେ ସ୍ତମ୍ଭମାନ ପ୍ରକାଶ କରୁଥିଲେ। ତାଙ୍କ ସନ୍ଦର୍ଭଗୁଡିକର ମାନ ବେଶ ଯୁଗୋପଯୋଗୀ ଓ ଶିକ୍ଷଣୀୟ ଥିଲା। ଏଥିସହିତ କେତେକ ଓଡିଆ ପ୍ରବନ୍ଧ ଓ କବିତାର ଇଂରାଜୀ ଅନୁବାଦ କରି ସେ ଖ୍ୟାତି ଅର୍ଜନ କରିଯାଇଛନ୍ତି। ତନ୍ମଧ୍ୟରୁ ସଂକଟରେ ଶିକ୍ଷା-ଶିକ୍ଷକ ସମାଜ, ବିକଳ୍ପ ବିଧିର, ଆମ ସମାଜ-ଆମ ପ୍ରଗତି, ନୂତନ ପୃଥିବୀର ପ୍ରତୀକ୍ଷାରେ ତାଙ୍କ ସାରସ୍ୱତ ସାଧନାର କଥା କହେ।

ଜୀବନ-ଜୀବିକା ଓ ଶିକ୍ଷକ ସଂଗଠନ ଭିତରେ ଥାଇ ବି ସ୍ୱର୍ଗତଃ ଜେନା ତାଙ୍କ ପାରିବାରିକ ଜୀବନରେ ସଫଳ ହୋଇପାରିଥିଲେ। ଜଣେ ଆଦର୍ଶ ସ୍ୱାମୀ ଓ ଜଣେ ଭଲ ପିତା ହିସାବରେ ସେ ନିଜ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇଥିଲେ। ତାଙ୍କର ଚାରିପୁଅ ଲଲାଟେନ୍ଦୁ ଜେନା, ଲଳିତେନ୍ଦୁ ଜେନା, ବିପୁଳେନ୍ଦୁ ଜେନା ଓ ଦୀପ୍ତେନ୍ଦୁ ଜେନା ଓ ୨ ଝିଅ ଜୟଶ୍ରୀ ଜେନା ଏବଂ ରାଜଶ୍ରୀ ଜେନା ଆଜି ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ଏହା ତାଙ୍କ ମୁରବୀପଣିଆର ନିଛକ ଉଦାହରଣ। ପ୍ରଫେସର ଭଗବାନ ଜେନାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା। ସେହି ଶୂନ୍ୟତା ଭିତରେ ମନେପଡୁଛି ତାଙ୍କ ଅଧ୍ୟାପନା ଓ ସଂଗ୍ରାମୀ ଜୀବନର ଅନେକ କଥା। ଏବର ଶିକ୍ଷକ-ଅଧ୍ୟାପକ ଓ ଶିକ୍ଷକ ନେତୃମଣ୍ଡଳୀ ସଂଗ୍ରାମୀ ଭଗବାନ ଜେନାଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ତାଙ୍କ ଚେତନାର ପ୍ରଦୀପରେ ପ୍ରଜ୍ୱଳିତ ହୁଅନ୍ତୁ, ଏତିକି କାମନା।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୪୩୮୧୭୭୯୧୨*

# ସ୍ୱନକ୍ଷତ୍ର ବିଶେଷାଙ୍କ

## ସ୍ୱନକ୍ଷତ୍ର.. ସ୍ମରଣେ

ଏମିତି କେହି ଲୋକଟିଏ ଅଛିକି, ଯାହାର ନାହିଁ ନାଁ ଟିଏ...? ପୁଣି କେହି ଅଛି କି, ଯାହାର ନାହିଁ ମା'ଟିଏ..? ଜଣେ ବ୍ୟକ୍ତି ପାଇଁ ଜନ୍ମର ମହତ୍ତ୍ୱ ଯେତିକି, ଘଟଣାବହୁଳ ଜୀବନର ମହତ୍ତ୍ୱ ମଧ୍ୟ ସେତିକି। ସେଇଥିପାଇଁ ତ' ଅହରହ ଘଟିଚାଲିଥାଏ ଅନେକ ଘଟଣା, ଦୁର୍ଘଟଣା.. ଯାହାକୁ ମଣିଷ ଟିପିରଖେ ନିଜ ଜୀବନ ପୃଷ୍ଠାରେ। ସମୟ ସାଥିରେ ତାଳଦେଇ ସେହି ସାଦା କାଗଜ ବି ଭରିଯାଏ ରଙ୍ଗବେରଙ୍ଗ ହରଫରେ ଲେଖା ଛବିଳ ଘଟଣାବଳୀରେ। ସମୟ ବଢିଚାଲେ, ଜୀବନ ଗଡ଼ିଚାଲେ।

ଯଦି ଦେଶ ବା ଜାତିର ଭାଗ୍ୟ ଓ ଭବିତବ୍ୟକୁ ଜନ୍ମଜାତକ ସହ ଯୋଡ଼ି ଦେଖାଯାଏ, ତେବେ ଆମେ ଏକ ଭିନ୍ନ ଉତ୍ତରଣର ଅନୁଭବ କରିପାରିବା। ଯଦି ଏକ ଘଟଣାବହୁଳ ସମାଜ ଓ ରାଷ୍ଟ୍ରର ପ୍ରତିଟି ଘଟଣାର ଧାରା ପ୍ରବାହ ବିବରଣୀକୁ କାଗଜରେ ଲିପିବଦ୍ଧ କରିବା, ତେବେ ହୁଏତ ଏହା ଖବରକାଗଜର ରୂପ ନେଇପାରେ। ଆଜି କିନ୍ତୁ ସମ୍ବାଦପତ୍ରର ସ୍ୱରୂପ ବଦଳିଯାଇଛି। କଳେବରରେ ଭିନ୍ନତା ସାଙ୍ଗକୁ ବିବିଧ ଉପାଦାନରେ ପରିପୂର୍ଣ୍ଣ ହୋଇ ଚିତ୍ରିତ ପରିପାଟୀ ସହ ହାତପାଆନ୍ତାରେ ପହଞ୍ଚୁଥିବା ଖବରକାଗଜ, ଏବେ ଆଉ ଖାଲି କାଗଜବିଡ଼ାଏ ହୋଇରହିନାହିଁ, ଯାହାର ପରମାୟୁ ମାତ୍ର ଦିନଟିଏ। ବରଂ ଏହା ପାଲଟିଯାଇଛି, ଆମ ଜୀବନଚର୍ଯ୍ୟାର ଏକ ଅଙ୍ଗ ସଦୃଶ। ଏମିତି ଅନେକ ଚରିତ୍ର ମୁଁ ଦେଖିଛି, ଯେଉଁମାନେ ଖବରକାଗଜ ବିନା ଦିନ ଆରମ୍ଭ କରନ୍ତି ନାହିଁ, ସେମାନଙ୍କ ପାଇଁ ଖବରକାଗଜ ଜୀବନ ବଞ୍ଚିବାର ଖୋରାକ।



ସୌମ୍ୟଶ୍ରୀ ପାଣିଗ୍ରାହୀ

ମଣିଷ ଭାଷା ଓ ଭାବକୁ କାଗଜପିଠିରେ ଲେଖି ଶିଖିବା ଦିନରୁ ଖବରକାଗଜ ସୃଷ୍ଟି। ଏଠି ମୁଁ ଭାରତୀୟ ସମ୍ବାଦପତ୍ରର ଇତିହାସ ବଖାଣିବି ନାହିଁ। ଜେମସ ଅଗଷ୍ଟସ ହିକୀଙ୍କ ବେଙ୍ଗଲ ଗେଜେଟ ସିନା ମାତ୍ର ୨ ବର୍ଷରେ ମୃତ୍ୟୁବରଣ କଲା କିନ୍ତୁ ପରେ ପରେ ଅଗଣିତ ସମ୍ବାଦପତ୍ର ବିଭିନ୍ନ ଭାଷାରେ ପ୍ରକାଶିତ, ପ୍ରସାରିତ ହୋଇ ଆଦୃତ ହେବାରେ ଲାଗିଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ କେବଳ ଜାତୀୟ ନୁହେଁ, ପ୍ରାଦେଶିକ ସମ୍ବାଦପତ୍ରମାନଙ୍କର ଭୂମିକା ବିଷୟରେ ଆଲୋଚନା କଲେ ବି ରାତିପାହିଯିବ। ଆମ ଓଡ଼ିଶାର ନ୍ତକୁଳିବର ପତ୍ର'ହେଉକି 'ଉତ୍କଳଦିପୀକା', 'ଦୈନିକ ଆଶା ହେଉ କି ସମ୍ବଲପୁର ହିତୈଷିଣୀ ଏସବୁ ଏକ ବିସ୍ତୃତ ଆଲୋଚନାର ଅପେକ୍ଷା ରଖେ। ଏବର ଓଡ଼ିଶାର ଅନ୍ୟ ଅନେକ ଅଗ୍ରଣୀ ସମ୍ବାଦପତ୍ରଙ୍କ ଭିଡ଼ରେ 'ପର୍ଯ୍ୟବେକ୍ଷକନ୍ତ' ଏକ ସ୍ୱତନ୍ତ୍ର ପରିଚୟର ହକଦାର। କ୍ରମାଗତ ଭାବେ ୨୫ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହେବା ଏବଂ ଅତ୍ୟଧିକ ପୃଷ୍ଟପୋଷକତା ବିନା ପ୍ରତିଦିନ ସକାଳେ ପାଠକଙ୍କ ନିକଟରେ ପହଞ୍ଚିବା, ନିଶ୍ଚିତ ଏକ ଗର୍ବ ଓ ଗୌରବର କଥା। ଏଥିପାଇଁ ପ୍ରକାଶକ ଏବଂ ସଂପାଦକ ନିଶ୍ଚୟ ଧନ୍ୟବାଦାହ।

ଏଥର କହିବି ମୋ କଥା... ମୋ ମନର କଥା। 'ପର୍ଯ୍ୟବେକ୍ଷକ' ସହ ମୋର ପରିଚୟ ହୁଏ ୨୦୧୩ ଡିସେମ୍ବର ୨୮ରେ। ଯଦିଓ ସମ୍ପାଦକ ମହୋଦୟଙ୍କ ସହ ପାରିବାରିକ ସମ୍ପର୍କ ଥିଲା। ମାତ୍ର ମୁଁ ଆଦୌ ପ୍ରକାଶୋନ୍ମୁଖୀ ନଥିଲି। ଏମିତି ଏକ ଅଳସ ଅପରାହ୍ନରେ ଲକ୍ଷ୍ନୌସ୍ଥିତ କାର୍ଯ୍ୟାଳୟରେ ବସିଥିବାବେଳେ ମନକୁ ଆସିଲା, ମୋ ଭଳି ଯୁବକମାନଙ୍କୁ ନେଇ କିଛି ଲେଖିବି। କଞ୍ଚାହାତରେ ସେ କି ବା ଲେଖା। ନିହାତି ଅନଭିଜ୍ଞ ମନକୁ ଯାହା ଆସିଲା। ଏକାଥରେ ଗାରେଇ ଦେଇଗଲି କାଗଜପିଠିରେ। ପଠେଇଦେଲି ସମ୍ପାଦକଙ୍କ ପାଖକୁ। ଅଳ୍ପ ସମୟ ପରେ ଫୋନଟିଏ ପାଇଲି, ଫଟୋ ଓ ଠିକଣା ମାଗିବା ସହ ଏହିପରି ଆଉ କେତୋଟି ଲେଖା ଲେଖିବାର ଆଦେଶ/ତାଗିଦ ସହ ଅପେକ୍ଷା କଲି ପରଦିନ ସକାଳୁ ଛାପା ଅକ୍ଷରରେ ନିଜ ନାମ ଦେଖି ଖୁସିରେ କୁରୁଳି ଉଠିଲି, ନିଜ ଅଜାଣତରେ ମୁଁ ସ୍ତମ୍ଭକାର ପାଲଟିସାରିଥିଲି।

ଏଥର ଆରମ୍ଭ ହେଲା ନାଁ ଖୋଜା। ପ୍ରଥମେ କିଛି ସପ୍ତାହ ଲେଖିଲି, ସାପ୍ତାହିକ ସ୍ତମ୍ଭ 'ଯୌବନର ଝର୍କା'ରୁ ନାମରେ। ଏଣିକି ଭିତରେ ମୋର ବାହାଘର ହେଇଗଲା ଏବଂ ଅନ୍ୟମନସ୍କ ଭାବରେ ଅଚାନକ ମୁଁ ଯୁବକରୁ ପୌଢ ପାଲଟିଗଲି। ଏଣୁ ସ୍ତମ୍ଭର ନାମ ବି ବଦଳିଗଲା। ମୋ ଝର୍କାରୁ ଯୌବନକୁ। ପ୍ରାୟ ୨ବର୍ଷ ଧରି ନିଜ ବାତାୟନରୁ ଦେଖିଲି ଯୌବନର ବିଭିନ୍ନ ଚିତ୍ର। ଯାପରେ ପୁଣି ବଦଳିଲା ସ୍ତମ୍ଭର ନାମ। ଯାହା ଘଟୁଥିଲା ଆଖପାଖରେ। ସେଇଥିରୁ ଖିଅଟିଏ ଧରି ଯୌବନ ସହ ସମାଜକୁ ଯୋଡ଼ିଦେଉଥିଲି ଯାହା। ଏଣୁ ସ୍ତମ୍ଭର ନାମ ରହିଲା 'ଆଖପାଖର ହାଲଚାଲ'। ଏ ବି ୨ ବର୍ଷ ଚାଲିଲା। ପ୍ରତି ସପ୍ତାହରେ ପାଠକ ନୁଆ ନୁଆ ଅଜଣା କଥା ପଢୁଥିବାରୁ ଅପେକ୍ଷା କରି ରହୁଥିଲେ ପ୍ରତି ଶନିବାରକୁ। ବିପୁଳ ପାଠକୀୟ ଶ୍ରଦ୍ଧା ସହ ଏ ସମସ୍ତ ସ୍ତମ୍ଭ ଶତକପୂର୍ଣ୍ଣ କରିଛନ୍ତି ଏହି ପର୍ଯ୍ୟବେକ୍ଷକ ପୃଷ୍ଠାରେ।

ତା ପରେ ମୁଁ ଟିକେ ପରୀକ୍ଷା ନୀରିକ୍ଷା କରିବାକୁ ଚାହିଁଲି ମୋ ନିଜ ସହ... ଲେଖା ସହ। ମନତଳର ମରମକଥାକୁ ଭାଷାର ରଂଗ ଦେଇ କାଗଜପିଠିରେ ଉତାରିଲି, ତେଣୁ ସ୍ତମ୍ଭର ନା' ହେଲା 'ନିରୋଳା ନିଜ କଥା'। ଯାକୁ ବି ଆପଣମାନେ ଗ୍ରହଣ କଲେ, ଯା'ର ଶତକ ପୁରିଛି କି ନାହିଁ ମୁଁ ପଡ଼ିଲି କରୋନାରେ। ସେହି ଦିନଠାରୁ ପର୍ଯ୍ୟବେକ୍ଷକ ପୃଷ୍ଠାକୁ ମୁଁ ଆଉ ଫେରିନି ପ୍ରାୟ ବର୍ଷେ ହେବ। ମୋ ସହ ସାମ୍ନାସାମ୍ନି ହେଇନି ଏଇ ସମ୍ପାଦକୀୟ ପୃଷ୍ଠାରେ। ଏମିତି ନୁହେଁ ଯେ ମୁଁ କରୋନାରୁ ମୁକୁଳିନି ବା ଲେଖାଲେଖି କରୁନି। ଅନେକ ବ୍ୟସ୍ତତା ଭିତରେ ବି ଅନ୍ୟ ଖବରକାଗଜକୁ ପ୍ରତି ସପ୍ତାହରେ ନୁଆଲେଖା ପଠାଏ। ପର୍ଯ୍ୟବେକ୍ଷକର ନିୟମିତ ପାଠକମାନଙ୍କଠାରୁ ଅନେକ ଅନୁରୋଧମୂଳକ ଫୋନ ପାଇଛି। ଏସବୁ ପାଠକୀୟ ଶ୍ରଦ୍ଧା ପାଇଁ ମୁଁ ପର୍ଯ୍ୟବେକ୍ଷକ ନିକଟରେ ଚୀରଋଣୀ। ମୋତେ ସ୍ତମ୍ଭକାରର ମାନ୍ୟତା ଦେଇଛି କେବଳ 'ପର୍ଯ୍ୟବେକ୍ଷକ'।

ଆଜି ୨୫ ବର୍ଷରେ ପାଦ ଥାପିଛି ନ୍ତପର୍ଯ୍ୟବେକ୍ଷକ'। ଖୁବ ବଡ଼ କଥା। ରୌପ୍ୟଜୟନ୍ତୀ ଅବସରରେ ପର୍ଯ୍ୟବେକ୍ଷକକୁ ଅୟୁତ ଶୁଭେଚ୍ଛା ଓ ଅପମିଶ୍ରିତ ଅଭିନନ୍ଦନ। ଏ ସ୍ୱନକ୍ଷତ୍ର ସ୍ମରଣୀୟ ହେଉ.. ଅସୁମାରୀ ଶୁଭକାମନା ଓ ଅଜସ୍ର ସୁମନାସ। ଏ ରୌପ୍ୟଜୟନ୍ତୀର ଯାତ୍ରା ସ୍ୱର୍ଣ୍ଣାଭ, କୌସ୍ତୁଭ, ହୀରକ ଜୟନ୍ତୀ ହୋଇ ବଢିଚାଲୁ ଅନନ୍ତ କୋଟି ବର୍ଷ ଯାଏଁ... ଏବଂ ଇତିହାସର ମୋଡ଼ ବଦଳେଇବାର ସାମର୍ଥ୍ୟ ରଖୁ। ଏତିକି କାମନା

*ଛାଇ, ଜଗନ୍ନାଥ ବିହାର*
*ମୋ- ୭୦୦୮୬୦୧୧୬୧*

## ସ୍ତମ୍ଭରୁ ସ୍ୱନକ୍ଷତ୍ର ...

ସକାଳର ଚା'କପ ସାଙ୍ଗକୁ ଖବରକାଗଜଟିଏ ନଥିଲେ ଯୋଡି ଜମେନା, ସକାଳର କପ୍ ଯେମିତି ଖବରକାଗଜର ଖବରକୁ ଅନେଇ ବସିଥାଏ, ସେମିତି ଏକ ଅଦମ୍ୟ ସାହସର ନିର୍ଭୁଲ ଅଭିଲିପି ହେଉଛି ଗଣମାଧ୍ୟମ। ଗଣମାଧ୍ୟମ- ଯିଏ ରୋମ ସାମ୍ରାଜ୍ୟର କ୍ଲିଓପାଟ୍ରା ଠାରୁ ବି ଅଧିକ ଶକ୍ତିଶାଳୀ। ଯିଏ ସମାଜରୁ ବୃତାସ ରୂପୀ ରାକ୍ଷସଙ୍କୁ ଧ୍ୱଂସ କରିବାର ସାମର୍ଥ୍ୟ ଥାଏ। ଯାହା ଉପରେ ନିର୍ଭର କରେ ସଭ୍ୟତାର ଉତ୍‌ଥାନ ଓ ପତନ ଏବଂ ଯିଏ ମହାସାଗରର ଅନ୍ତର୍ଦ୍ଦେଶରୁ ଆରମ୍ଭ କରି ଖେଳପଡିଆ ଯାଏଁ ସମସ୍ତ ଖବରକୁ ନିଛକ ରୂପେ ଉପସ୍ଥାପନ କରେ ସେ ଗଣମାଧ୍ୟମ। ତାପାଇଁ ସାରୁ ଗଛ ମୂଳରୁ ବେଙ୍ଗୁଲୀରାଣୀର କାହାଣୀ ଶୁଭେ। ଆଉ ସିଏ ଢେଙ୍କାନାଳରୁ ଡିଙ୍କିଶାଳ ଯାଏଁ ବି ଖବର ଯୋଗାଏ। ସେହି ସଂଗ୍ରାମର ସାଥି ହୋଇ ସିଏ ଅନୁଭବକୁ ବାସ୍ତବରେ ରୂପାନ୍ତରିତ କରେ, ସ୍ୱର୍ଶର ସ୍ୱର୍ଶକାର ଆଉ ଅନୁଭବର ଅନୁଭବୀଟିଏ, ଯିଏ ଅସ୍ତ୍ର ସାଜି ସମାଜକୁ ରକ୍ଷାକରେ, ପଲ୍ଲୀରୁ ପାର୍ଲ୍ୟାମେଣ୍ଟ ଯାଏଁ ରୋଚ଼କ ତଥ୍ୟର ମେସେର ସାଜେ, ସେ ବନ୍ଧୁକର ଗୁଳିଠାରୁ ବି ଅଧିକ ଶକ୍ତିଶାଳୀ, ଯିଏ ଯେକୌଣସି ବୁଲେଟ ପ୍ରୁଫକୁ ବି ଭେଦ କରି ଯାଇପାରେ। ଜୀବନ ଯମୁନାରେ ସେ ନିଥର ଆଉ ନିର୍ଧାର୍ଯ୍ୟ ସଂଜ୍ଞାରେ ସଂଜ୍ଞାୟିତ- ସେ କେହି ନୁହେଁ, ସେ ଗଣମାଧ୍ୟମ। ଗଣମାଧ୍ୟମ ସବୁବେଳେ ଲୋକଙ୍କ ପାଇଁ ଓ ଲୋକ ମାନଙ୍କର ମାଧ୍ୟମ ଅଟେ। ଏଇ ପରୀପ୍ରେକ୍ଷୀରେ ବିଗତ ୨୪ବର୍ଷ ହେବ ପର୍ଯ୍ୟବେକ୍ଷକ ଲୋକଙ୍କ ସ୍ୱର ହେବାକୁ ଚେଷ୍ଟା କରିଛି। ସାଧାରଣ ଲୋକଙ୍କ ସ୍ୱର ହେବାକୁ ଚେଷ୍ଟା କରିଛି। ଆଠ ପୃଷ୍ଠା ବିଶିଷ୍ଟ ଏହି ଖବରକାଗଜ ସବୁବେଳେ ନିରପେକ୍ଷ ଖବର ପ୍ରସାରଣକୁ ଗୁରୁତ୍ୱ ବି ଦେଇଛି। ଆଜି ପର୍ଯ୍ୟବେକ୍ଷକର ୨୪ତମ ସ୍ୱନକ୍ଷତ୍ର ଉତ୍ସବ।

୨୦୧୪ରୁ ଲେଖାଲେଖି ଆରମ୍ଭ କରିଥିଲେ ହେଁ ସେତେବେଳେ ବିଶେଷ କିଛି ଖବରକାଗଜରେ ଲେଖା ପ୍ରକାଶ ପାଇପାରୁନଥିଲା। ବସ୍ତୁତଃ ଅନେକ କିଛି ତୃଟି ଓ ସମ୍ପାଦକୀୟ ପୃଷ୍ଠା ଲେଖାର ତରିକା ବିଷୟରେ ଅବଗତ ବି ନଥିଲି। ଯଦିଓ ସେବେ ସ୍ତମ୍ଭ କଣ ଜାଣିନଥିଲି ତଥାପି ଏହାକୁ ନେଇ ମନଭିତରେ ଖୁବ ଉତ୍କଣ୍ଠା ଥିଲା। ୨୦୧୬ରେ କୃଷି ପାଠ୍ୟକ୍ରମରେ ପ୍ରଥମ ବର୍ଷ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟରେ ଯୋଗ ଦେବା ପରେ କୃଷି ଓ କୃଷକଙ୍କ ପାଇଁ ମନରେ ଏକ ଅହେତୁକ ନିଶା ଜନ୍ମିଲା। ଚିନ୍ତା କଲି ଏକ ଛୋଟ ପତ୍ରିକାଟେ ପ୍ରକାଶ କରି ଚାଷୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରିବି। ବହୁତ କିଛି ଉଦ୍ୟମ ଆଉ ସଂଘର୍ଷ ପରେ ଜନ୍ମ ନେଲା ଶ୍ୟାମଳ ସୁବର୍ଣ୍ଣ। ଏହାରି ଭିତରେ ମୋର ଦେଖା ହୁଏ କୃଷି ବିଜ୍ଞାନ କେନ୍ଦ୍ର , ଭଦ୍ରକର ମୁଖ୍ୟ ଅରବିନ୍ଦ ସାରଙ୍କ ସହ। ପାଠପଢ଼ା ପାଇଁ ଉପଦେଶ ଦେବା ସମୟରେ ମୋତେ ସୌମ୍ୟଶ୍ରୀ ପାଣିଗ୍ରାହୀ ସାରଙ୍କ ନାଁ କହିଲେ। କଥା ଛଳରେ ସାର କହିଲେ ସେ ମୋର ଛାତ୍ର। ଏବେ କୃଷି ବିଜ୍ଞାନରେ ସ୍ନାତକୋତ୍ତର ପରେ ସହକାରୀ ଜିଲ୍ଲାପାଳ ଭାବରେ ଅବସ୍ଥାପିତ। ତାର ଠିକ ପରଦିନ ସୌମ୍ୟଶ୍ରୀ ସାରଙ୍କ ସହ ମୋର ଯୋଗାଯୋଗ ହୁଏ। ଆଉ କହିବାକୁ ଗଲେ ସେ ହିଁ ମୋ ଲେଖିବା ପାଇଁ ପ୍ରେରଣାର ଉତ୍ସ।

ସେତେବେଳକୁ ସମ୍ପାଦକୀୟ ପଷ୍ଠା ପାଇଁ କେମିତି କଣ ଲେଖାଯାଏ , ମୋର କିଛି ବି ଧାରଣା ନଥିଲା। ବାସ ମନରେ ଇଚ୍ଛା ଥିଲା ଯେ କେମିତି ଏହା ଖବରକାଗଜରେ ପ୍ରକାଶିତ ହେବ। ସେ ସମୟରେ ସବୁ ଖବରକାଗଜର ସମ୍ପାଦକୀୟ ପୃଷ୍ଠାକୁ ଭଲଭାବେ ପଢୁଥିଲି। ଭାବୁଥିଲି ମୋର କେବେ ଏମିତି ପ୍ରକାଶିତ ହୁଅନ୍ତାନି!!! ସେ ଯାହା ବି ହେଉ ମୁଁ ଅନେକ କିଛି ସାମ୍ପ୍ରତିକ ଘଟଣାବଳୀକୁ ନେଇ ଲେଖି ବିଭିନ୍ନ ଖବରକାଗଜକୁ ପଠେଇଲି। ଖୁବ କମ ଦିନ ଭିତରେ ଅନେକଗୁଡ଼ିଏ ଖବରକାଗଜରେ ଲେଖା ପ୍ରକାଶ ପାଇ ବେଶ ପାଠକୀୟ ଆଦୃତି ବି ଲାଭ କଲା। ଏହି ସମୟରେ ସୌମ୍ୟଶ୍ରୀ ସାରଙ୍କ ସ୍ତମ୍ଭ ଆଖପାଖର ହାଲଚାଲ ଦୈନିକ ପର୍ଯ୍ୟବେକ୍ଷକରେ ପ୍ରତି ଶନିବାର ପ୍ରକାଶ ପାଉଥିଲା।



ଡ଼ି ଶୁଭମ୍

ସବୁବେଳେ ଏହାକୁ ପଢ଼ି ମୁଁ ଲେଖିବାକୁ ପ୍ରେରଣା ପାଉଥିଲି। ଆଉ ସୌଭାଗ୍ୟବଶତଃ ମୋର ସମ୍ପର୍କ ହୁଏ ପର୍ଯ୍ୟବେକ୍ଷକର ସମ୍ପାଦକ ଶ୍ରୀ ପବିତ୍ର ମୋହନ ସାମନ୍ତରାୟ ସାରଙ୍କ ସହ। କିଛିଟା ଲେଖା ମୁଁ ସାରଙ୍କୁ ହ୍ୱାଟସଆପ ଜରିଆରେ ପଠାଇଥିଲି। ଏହା ପରେପରେ ସାର ପ୍ରତି ଗୁରୁବାର ମୋର ଏକ ସ୍ତମ୍ଭ ପ୍ରକାଶ ପାଇବ ବୋଲି କହିଲେ। ଆଉ ସ୍ତମ୍ଭର ନାମକରଣ ପାଇଁ ସୌମ୍ୟ ସାରଙ୍କୁ ଯୋଗାଯୋଗ କରିବାକୁ ଉପଦେଶ ବି ଦେଲେ। ସଙ୍ଗେସଙ୍ଗେ ସୌମ୍ୟ ସାରଙ୍କୁ ଏ ଖବର ଦେଉଁ ଦେଉଁ ସେ ସ୍ତମ୍ଭର ନାଁ ଦେଲେ। ଆଉ ଶେଷରେ ଏହା ସ୍ଥିରୀକୃତ ହେଲା – ଚାଷ କ୍ଷେତରୁ ଚିଠି।

୨୦୧୮ ଅକ୍ଟୋବରରୁ ଆରମ୍ଭ କରିଥିବା ଏଇ ସ୍ତମ୍ଭ ଲେଖା ଏବେ ୯୦ ଛୁଇଁଗଲାଣି। ଏହା ପରେ ମନର କଥାକୁ ସତେଜ ସକାଳ ମାଧ୍ୟମରେ ଉପସ୍ଥାପନ କରୁଛି। ଅନେକ କିଛି ଘଟଣାକୁ କଲମ ମୁନରେ ରୂପ ଦେଇଛି। ଯାହା ଶିଖିଛି ତାକୁ ଚାଷୀଙ୍କ ପାଖେ ପହଁଚାଇବାକୁ ସ୍ତମ୍ଭ ମାଧ୍ୟମରେ ଉଦ୍ୟମ କରିଛି। କୃଷି ପାଠ୍ୟକ୍ରମର ଚତୁର୍ଥ ବର୍ଷରେ କୃଷକ ତାଲିମ ଶିବିରକୁ ଯାଇ ପାଖାପାଖି ୧୦୦୦ଚାଷୀଙ୍କୁ ତାଲିମ ଦେବାର ସୌଭାଗ୍ୟ ପାଇଥିଲି। ଖୁବ ପାଖରୁ ଚାଷୀଙ୍କ ସହ ମିଶି ସେମାନଙ୍କ ସମସ୍ୟାକୁ ଜାଣିବାକୁ ଚେଷ୍ଟା କରିଥିଲି। ଆଉ ପ୍ରତି ଗାଁର ସ୍ମୃତିକୁ ସ୍ତମ୍ଭ ଜରିଆରେ ଲୋକଙ୍କ ପାଖରେ ପହଁଚାଇଥିଲି। ଖୁବ ଶ୍ରଦ୍ଧା ମିଳିଛି ଏଇସବୁ ଲେଖାକୁ। ଏହି ସମୟରେ ଯେବେ କଟକର ଜନାର୍ଦ୍ଦନପୁର ଠାରେ ଟ୍ରେନିଂରେ ଥାଏ ସେବେ ଖୁବ ପାଖରୁ ଚାଷୀ ଓ ଚାଷର ମହତ୍ତ୍ୱକୁ ସେଠାରୁ ହିଁ ଜାଣିଥିଲି। ସେମାନଙ୍କ ପାଇଁ ଚାଷ ହିଁ ହାକିମ। ଚାଷ କାମ ଯାହର , କେଡ଼େ ସୁଖ ତାହାର – ଏ ଉକ୍ତିକୁ ନେଇ ସେମାନେ ଜୀବନ ଜୀଉଁଛନ୍ତି। ସେ ସମୟରେ ଲେଖିଥିବା ସ୍ତମ୍ଭ – ଆମେ ଚଷା ଘର ପୁଅ ଶୀର୍ଷକ ଖୁବ୍ ଶ୍ରଦ୍ଧା ପାଇଥିଲା। ଅନେକ ପ୍ରଶଂସାର ଫୋନକଲ ବି ପାଇଛି। ଏଇ ପାଠକ ମାନେ ହିଁ ତ ଲେଖାର ମଙ୍ଗୁଆଳ। ଆଗ୍ରହ ସୃଷ୍ଟିକରିବାର ଉତ୍ସ। ପ୍ରତି ବୁଧବାର ସକାଳେ ଅଫିସକୁ ଲେଖା ପଠାଇବାପରେ ପୃଷ୍ଠା ଦାୟିତ୍ୱରେ ଥିବା ମହେଶ ବାବୁ ସବୁବେଳେ ଫୋନ କରିଥାନ୍ତି। ଆଜି ଯାଏଁ ଏମିତି ଦିନଟିଏ ନାହିଁ ଯୋବ ସ୍ତମ୍ଭ ବାହାରିବା ପୂର୍ବଦିନ ମହେଶବାବୁ ଫୋନ କରିନଥିବେ। ପ୍ରତିଟି ଧାଡ଼ି ପଢ଼ି ତାହାକୁ ସଂଶୋଧନ କରି ବସେଇଥାନ୍ତି ସେ। ଏଯାବତ ପର୍ଯ୍ୟବେକ୍ଷକର ୪୯ଟି ସ୍ତମ୍ଭରେ ମୋର କୌଣସି ବନାନ ତୃଟି ପରିଲକ୍ଷିତ ହୋଇନାହିଁ। ଏଥିପାଇଁ ମୁଁ ମହେଶବାବୁଙ୍କ ନିକଟରେ ଚିର କୃତଜ୍ଞ। ଏଇ ସ୍ତମ୍ଭ ଲେଖାରେ ଅନେକ ପ୍ରଶଂସା ପାଇଛି ଆଉ ସମାଲୋଚନା ମଧ୍ୟ। ସତରେ ସମାଲୋଚକ ନଥିଲେ ଲେଖିବାକୁ ମଜା ଆସେନି। ତଥାପି ମୁଁ ମୋ ପାରୁ ପର୍ଯ୍ୟନ୍ତ ମୋ ଜାଣିଥିବା ତଥ୍ୟାବଳୀକୁ ଉପସ୍ଥାପନ କରିବାକୁ ଚେଷ୍ଟା କରିଛି। କମ ବୟସରୁ ସ୍ତମ୍ଭ ରଚନା ଆରମ୍ଭ କରିଥିବାରୁ ଅନେକ କିଛି ପଢ଼ି ନିଜର ସ୍ତମ୍ଭ ଲେଖିଥାଏ। ମୋତେ ଏକ ନୂଆ ପରିଚୟ ସ୍ତମ୍ଭକାର ଭାବେ ଦେଇଥିବାରୁ ପର୍ଯ୍ୟବେକ୍ଷକ ନିକଟରେ ମୁଁ ଋଣୀ ହୋଇ ରହିବି।

ମଣିଷ ମାତ୍ରେ ଭୁଲ ହେବା ଥୟ। ଏହି ପରିପ୍ରେକ୍ଷୀରେ ଯଦି ସ୍ତମ୍ଭ ରଚନାରେ କେଉଁଠି ତୃଟି ଥାଏ ତେବେ ପାଠକଙ୍କ ଠାରୁ କ୍ଷମା ଚାହୁଁଛି। ଆପଣମାନେ ହିଁ ମୋ ସାହସ। ଆପଣଙ୍କ ଗୋଟିଏ ପଦ ଶୁଭେଚ୍ଛା ବାର୍ତ୍ତା ମୋ ମନରେ ଅଫୁରନ୍ତ ଲେଖିବା ନିଶାକୁ ଜାଗ୍ରତ କରେ। ପାଠପଢ଼ା ସହିତ ଏହାକୁ ନିରନ୍ତର ଭାବେ ପ୍ରକାଶ କରିବାକୁ ଉଦ୍ୟମ କରିବି। ପୁଣି ଥରେ ସେଇ ପାଠକଙ୍କୁ ନମନ କରି ରହୁଛି।

*କୃଷି ସ୍ନାତକୋତ୍ତର ( ମୃତ୍ତିକା ବିଜ୍ଞାନ , ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ , ଭୁବନେଶ୍ୱର )*

## ଫଟୋରେ ପର୍ଯ୍ୟବେକ୍ଷକ














# ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ଜିଲ୍ଲାସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ ବାଲେଶ୍ୱର ସଦର ମହକୁମାସ୍ଥିତ ରିଜର୍ଭ ପୋଲିସ ପରେଡ୍ ପଡିଆଠାରେ ପାଳିତ ହୋଇଯାଇଛି । ଏଥିରେ ଓଡିଶା ସରକାରଙ୍କ ମାନ୍ୟବର ବିଜ୍ଞାନ ଓ କାରିଗରୀ କୌଶଳ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସକାଳ ଘ୮.୩୦ମି. ସମୟରେ ଜାତୀୟ ପତାକା ଉତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତବର୍ଷରେ ସାର୍ବଭୌମତ୍ୱ ଓ ଗଣତନ୍ତ୍ରକୁ ସ୍ଥାୟୀ ପ୍ରତିଷ୍ଠା ଦେବା ଉଦ୍ଦେଶ୍ୟରେ ଆମ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ ଶାସନ ବ୍ୟବସ୍ଥାର ଖସଡା ଆଜିର ଦିନରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇଥିଲା । ତେଣୁ ଆଜିର ଦିବସ ଦେଶବାସୀଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ଓ ସ୍ମରଣୀୟ ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ । ଏହି ଅବସରରେ ସେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହୋଇଥିବା ସ୍ୱାଧୀନତା ସଂଗ୍ରାମ, ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଭାରତରତ୍ନ ଡ. ବି.ଆର.ଆମ୍ବେଦକରଙ୍କ ନେତୃତ୍ୱରେ ସ୍ଥାୟୀ ସମ୍ବିଧାନ ପ୍ରସ୍ତୁତି ଓ କାର୍ଯ୍ୟକାରୀ ପାଇଁ ହୋଇଥିବା ଉଦ୍ୟମ ଏବଂ ଭାରତୀୟ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମ୍ୟ, ମୈତ୍ରୀ, ଏକତା ଓ ଉଦାରତା ଇତ୍ୟାଦିର ବିଚାର ଆମ ସମ୍ବିଧାନର ଆଧାରଶିଳା । ସଂଘୀୟ ଶାସନ ବ୍ୟବସ୍ଥା, ବିଭିନ୍ନତା ମଧ୍ୟରେ ଏକତା, ସାବାଳକ ଭୋଟପ୍ରଥା, ନାଗରିକ ମୌଳିକ ଅଧିକାର, ସ୍ୱାଧୀନ ନ୍ୟାୟପାଳିକା, ସରକାରଙ୍କ ସାମୂହିକ ଦାୟିତ୍ୱବୋଧତା, ଦ୍ୱିସଦନ ସଂସଦ ବ୍ୟବସ୍ଥା ଏବଂ ସ୍ୱାଧୀନ ନିର୍ବାଚନ ଆୟୋଗ ଆମ ସମ୍ବିଧାନର ବିଶେଷତ୍ୱ ହୋଇଥିବା ବେଳେ ବିଶ୍ୱର ସମସ୍ତ ସମ୍ବିଧାନଙ୍କ ମଧ୍ୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଦୃଷ୍ଟାନ୍ତମୂଳକ ବୋଲି ମାନ୍ୟବର ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ । ସେହିପରି ଦେଶର ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲ୍ଲାର ଅବଦାନକୁ ଐତିହାସିକ ଓ ଗବେଷକମାନେ କୃତଜ୍ଞତାର ସହ ସ୍ୱୀକାର କରିଥିବା ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ । ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତଛାଡ ଆନ୍ଦୋଳନରେ ବାଲେଶ୍ୱର ଜିଲ୍ଲାର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବାଲେଶ୍ୱର ଜିଲ୍ଲାବାସୀ ପ୍ରଦର୍ଶନ କରିଥିବା ଅସୀମ ଧୈର୍ଯ୍ୟ, ଅନନ୍ୟ ସହନଶୀଳତା ଆଜି ଇତିହାସର ବିଷୟବସ୍ତୁ । ଦେଶୀୟ ରାଜ୍ୟ ମିଶ୍ରଣରେ ତତ୍କାଳୀନ ଗଡଜାତ ନୀଳଗିରିବାସୀଙ୍କ ମହାନତା ସ୍ମରଣୀୟ ହୋଇଥିବା ବେଳେ ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ବାଲେଶ୍ୱର ମାଟିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଓଡିଆ ଭାଷାର ସ୍ୱତନ୍ତ୍ରତା ପ୍ରତିପାଦନ କ୍ଷେତ୍ରରେ ଚିରସ୍ମରଣୀୟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଅତୁଳନୀୟ ଅବଦାନ ନିକଟରେ ସାରା ଓଡିଆ ଜାତି ଆଜି ନତମସ୍ତକ । ଏଥି ସହିତ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ, କବି, ଲେଖକୀୟ ପ୍ରତିଭା, ଜିଲ୍ଲାର ବେଳାଭୂମି, ପ୍ରାକୃତିକ ସମ୍ପଦ, ଐତିହାସିକ ଓ ପର୍ଯ୍ୟଟନସ୍ଥଳୀଗୁଡିକ ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ଉଲ୍ଲେଖ କରି ଜିଲ୍ଲାର ସାଂସ୍କୃତିକ ଐତିହ୍ୟକୁ ଏହା ପ୍ରତିପାଦିତ କରିପାରିଥିବା କହିଥିଲେ । ସମଗ୍ର ଦେଶର କଲ୍ୟାଣ ଓ ସାର୍ବଭୌମତ୍ୱର ସୁରକ୍ଷା, ଏକତା,ଅଖଣ୍ଡତାର ସଂରକ୍ଷଣ, ଏକତା ମଧ୍ୟରେ ବିବିଧତାର ଐଶ୍ୱର୍ଯ୍ୟ ପ୍ରତି ଆନ୍ତରିକତା, ସମ୍ବିଧାନ ସ୍ୱୀକୃତ ନୀତିନିୟମର ଅନୁପାଳନକୁ ସାଧାରଣତନ୍ତ୍ର ଦିବସର ସଂକଳ୍ପ ଭାବେ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । କୋଭିଡ୍ କଟକଣା ଲାଗି ପୋଲିସର ଦୁଇଟି କଂଟିଜେଂଟଙ୍କ ସମେତ ପୋଲିସ ବ୍ୟାଣ୍ଡ ଏଥିରେ ଯୋଗ ଦେଇଥିଲେ । ସର୍ଜେଂଟ୍ ଶ୍ରୀ ପ୍ରବୀର କୁମାର କହଁର ରାଷ୍ଟ୍ରୀୟ ସାଲ୍ୟୁଟ୍‌ର ନେତୃତ୍ୱ ନେବା ସହିତ ମୁଖ୍ୟ ଅତିଥିଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ସେକେଣ୍ଡ-ଇନ-କମାଣ୍ଡ ଶ୍ରୀ ରାଜୀବ କୁମାର ମାର୍ଣ୍ଡି ତାଙ୍କୁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର କୋଭିଡ ଯୋଦ୍ଧାମାନେ ସାମିଲ ହୋଇଥିବା ବେଳେ ମାନ୍ୟବର ମନ୍ତ୍ରୀ ପରେଡ୍ ପଡିଆରେ ସେମାନଙ୍କୁ ଭେଟିବା ସହିତ ବାର୍ତାଳାପ କରିଥିଲେ । ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ତାଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଜିଲ୍ଲାସ୍ତରୀୟ ସମାରୋହରେ ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୋଭିଡ ନିୟମାବଳୀ ଓ କଟକଣାର ଅନୁପାଳନ ସହ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ସମାରୋହକୁ ସୀମିତ ସଂଖ୍ୟକ ଅତିଥିଙ୍କୁ ଆମନ୍ତ୍ରଣ କରାଯାଇଥିଲା । ଦିବସ ପାଳନ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ରୋଗୀ କଲ୍ୟାଣ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଂଟନ କରାଯାଇଥିଲା । ବାଲେଶ୍ୱର ପୌରପାଳିକା ତରଫରୁ ଉତ୍କଳ ବାଳାଶ୍ରମରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱର ପୌରାଂଚଳରେ ରାମଧୂନ ପରିବେଷଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଶ୍ରୀ ପୁରୁଷୋତମ ସେଠୀ, ରାହୁଲ ସିଂ, ସତ୍ୟସାଗର ମଣ୍ଡଳ, କାର୍ତିକ ଚନ୍ଦ୍ର ବେହେରା ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

## ଚୋରୀ ହାଇୱା ଉଦ୍ଧାର, ଅଭିଯୁକ୍ତ ଗିରଫ

ଧର୍ମଶାଳା(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅ'ର୍ଗତ ଚଡେଇଧାରାସ୍ଥିତ ଏକ କ୍ରସରରୁ ଚୋରୀ ହୋଇଥିବା ହାଇୱା ଗାଡିକୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି । ସୂଚନା ଅନୁଯାୟୀ ଚଡେଇଧରାସ୍ଥିତ କ୍ରସରରେ କୁନୁ ପ୍ରଧାନଙ୍କ ଓଡି-୦୪ପି -୪୭୪୮ନଂ ଗାଡି ଗତ ୧୮ ତାରିଖ ରାତିରେ ରହିଥିବା ବେଳେ କେହି ଚୋରୀ କରିନେଇଥିଲେ । ଏ ସମ୍ପର୍କରେ ଗାଡି ମାଲିକ ଶ୍ରୀ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ । ଏନେଇ ଜେନାପୁର ପୋଲିସ ୨୦/୨୨ରେ ଏକ ମାମଲା ରୁଜୁ କରି ତଦ' ଚଳାଇଥିଲା । ତେବେ ତଦ'ରେ ପୁର୍ବରୁ ଏହି ହାଇୱା ଗାଡି ଚଲାଉଥିବା ଗାଡି ଚାଳକ ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ରାମଚନ୍ଦ୍ର ଦଳେଇ( ୫୦) ଉପରେ ସନ୍ଦେହ ହୋଇଥିଲା । ପୋଲିସ ତାକୁ ଥାନାକୁ ଡକାଇ ପଚାରା ଉଚରା ପରେ ସେହିଁ ଗାଡି ଚୋରୀ କରି ଅନ୍ୟଜିଲ୍ଲାକୁ ନେଇଯାଇଥିବା ସ୍ୱୀକାର କରିଥିଲା । ତେବେ ଚୋରୀ ହାଇୱା ଗାଡିଟି ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଂଚଳରେ ଥିବା ପୋଲିସ ଜାଣିବା ପରେ ସେଠାରୁ ହାଇୱା ଗାଡିଟିକୁ ଉଦ୍ଧାର କରିବା ସହ ରାମଚନ୍ଦ୍ରକୁ ଗିରଫ କରିଥିଲା । ପରେ ରାମଚନ୍ଦ୍ରକୁ ପୋଲିସ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ଦୁଇଟି ସ୍ଥାନରେ ନାମାଙ୍କନ ପତ୍ର ଦାଖଲ

ଧର୍ମଶାଳା (ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଯାଂଚ ପ୍ରକ୍ରୀୟା ମଧ୍ୟ ଶେଷ ହୋଇଛି । ଯାଂଚ ପରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ୨ଟି ସ୍ଥାନରେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ଧର୍ମଶାଳା ବ୍ଲକ କୁମାରୀ ପଂଚାୟତରେ ସମିତିସଭ୍ୟ ପଦ ପାଇଁ ଶ୍ରୀ ବଳବନ୍ତରାୟ ପ୍ରସ୍ତାବକ ଓ ସମର୍ଥକଙ୍କ ଗହଣରେ ଆସି ବ୍ଲକ କାର୍ଯ୍ୟାଳୟରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ତେବେ ଯାଂଚ ପରେ ଏହି ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଂଚାୟତର ସମିତିସଭ୍ୟ ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । କୁମାରୀ ପଂଚାୟତରେ ଶ୍ରୀ ବଳବନ୍ତରାୟ ବିଧିବଧ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଚକ୍ରଧରପୁର ପଂଚାୟତରେ କଣ ପାଇଁ ସମିତିସଭ୍ୟ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଚକ୍ରଧରପୁର ପଂଚାୟତରେ ଦଳୀୟ ସମର୍ଥୀତ ପ୍ରାର୍ଥୀ ଭାବେ ବିଭୁତି ଭୂଷଣ ଜେନାମଣିଙ୍କ ନାଁ ଘୋଷଣା କରାଯାଇଥିଲା । ସେ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ତେବେ କୁମାରୀ ପଂଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ଶ୍ରୀ ବଳବନ୍ତରାୟ ବିଧିବଦ୍ଧ ଭାବେ ନିଜ ସମର୍ଥକ ଓ ପ୍ରସ୍ତାବକଙ୍କ ଗହଣରେ ଆସି ବ୍ଲକ କାର୍ଯ୍ୟଳୟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଚକ୍ରଧରପୁର ପଂଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ନିଜର ନାମାଙ୍କନ ପତ୍ର କେତେବେଳେ ଅବା କେଉଁଦିନ ଦାଖଲ କଲେ ତାହା ଜଣାପଡି ନ ଥିଲା । ଏବେ ଦୁଇଟି ପଂଚାୟତରେ ନାମାଙ୍କନ ପତ୍ର ଦାଖଲ କରିଥିବାରୁ ଶ୍ରୀ ବଳବନ୍ତରାୟ କେଉଁ ପଂଚାୟତରୁ ନିର୍ବାଚନ ଲଢିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପଟେ ଉଭୟ ପଂଚାୟତର ଭୋଟର ମାନେ ମଧ୍ୟ ଆଶା ଆଶଙ୍କାରେ ରହିଥିବା ଦେଖିବାକୁ ମିଳିଛି ।

## ୧୦୧୩ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୩୦ଜଣଙ୍କ ପ୍ରାର୍ଥୀପତ୍ର ନାକଚ, ସମସ୍ତ ସରପଂଚ ଓ ସମିତିସଭ୍ୟଙ୍କ ପ୍ରାର୍ଥୀପତ୍ର କାଏମ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ସରିଥିବା ବେଳେ ଯାଁଚ ପ୍ରକ୍ରିୟାରେ ୩୦ଜଣ ୱାର୍ଡ ସଭ୍ୟଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି । ଧର୍ମଶାଳା ବ୍ଲକ ଓ ୪୫ ଗୋଟି ପଂଚାୟତ କାର୍ଯ୍ୟାଳୟରେ ୧୬୪ଜଣ ସମିତିସଭ୍ୟ, ୨୦୬ ଜଣ ସରପଂଚ ଓ ୧୦୧୩ଜଣ ୱାର୍ଡ ସଭ୍ୟ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ । ତେବେ ସମସ୍ତ ସରପଂଚ ଓ ସମିତିସଭ୍ୟଙ୍କ ନାମାଙ୍କନପତ୍ର କାଏମ ରହିଥିବା ବେଳେ ୩୦ ଜଣ ୱାର୍ଡ ସଭ୍ୟଙ୍କ ନାମାଙ୍କନପତ୍ର ନାକଚ ହୋଇଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ସମିତି ସଭ୍ୟ ପଦ ପାଇଁ ଅରେଇକଣା ଓ ମିର୍ଜାପୁର ପଂଚାୟତରେ ସର୍ବାଧିକ ୭ ଜଣ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବା ଆରୁହା, ଚହଟା, ଏଣ୍ଡଲବା, ହରିଦାସପୁର, ଜାରକା, ମଧୁପୁରଗଡ, ମହିଶରା, ପୁରୁଣା ବଉଳମାଳ, ରଇଛନ୍ଦା ଓ ଉତରପ୍ରତାପ ପଂଚାୟତରେ ସର୍ବନିମ୍ନ ୨ ଜଣ ଲେଖାଏଁ ସମିତିସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ସରପଂଚ ପଦବୀ ଲାଗି ଅରେଇକଣା ପଂଚାୟତରୁ ସର୍ବାଧିକ ୧୧ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଆରୁହା ପଂଚାୟତରୁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ୱାର୍ଡ ସଭ୍ୟପଦ ପାଇଁ ଉତରପ୍ରତାପ ପଂଚାୟତରେ ସର୍ବାଧିକ ୪୬ ଜଣ ନାମାଙ୍କପତ୍ର ଦାଖଲ କରିଥିବା ବେଳେ ଚକ୍ରଧରପୁର ପଂଚାୟତରୁ ସର୍ବନିମ୍ନ ୧୦ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗର ରାଜ୍ୟ କମିଟି ଗଠିତ

ଭୁବନେଶ୍ୱର (ପିଏନ୍)- ରାଜ୍ୟ ପଛୁଆବର୍ଗ ବିଭାଗର ଅଧକ୍ଷ ଇଂ ଜ୍ଞାନଦେବ ବେଉରାଙ୍କ ସୁପାରିଶ କ୍ରମେ ରାଷ୍ଟ୍ରୀୟ ପଛୁଆବର୍ଗ ଅଧକ୍ଷ ତଥା ଛତିଶଗଡ଼ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଶ୍ରୀ ତାମ୍ରଧୋଜ ସାହୁ ନିମ୍ନଲିଖିତ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ଦାୟୀତ୍ୱ ପ୍ରଦାନ କରିଛନ୍ତି । ଏ ନେଇ ରାଜ୍ୟ ଅଧକ୍ଷ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଓ ଓଡ଼ିଶା ରାଜ୍ୟ ପ୍ରଭାରୀ ଡ. ଚେଲାକୁମାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ରାଜ୍ୟ ପଦାଧିକାରୀ ଉପାଧକ୍ଷ/ଭାଇସ ଚେୟାରମ୍ୟାନ ଭାବେ ବେଣୁଧର ପାତ୍ର, ସୁବାଷ ଚନ୍ଦ୍ର ବିଶ୍ୱାଳ, କ୍ୟାପଟେନ ରାଜନାରାୟଣ ମହାପାତ୍ର, ଡମ୍ବରୁ ବେହେରା, କାଶିନାଥ ରାଉତ, ଅଜିତ ଜେନା, ବୃନ୍ଦାବନ ସାହୁ ରହିଛନ୍ତି । ସେହିପରି ଆବାହକ / କନଭେନର ଭାବେ ବିପ୍ରବର ସାହୁ, ଦେବୀ ପ୍ରସାଦ ବାହାଲିଆ, କୈଳାସ ସାହୁ, ସଂଜୟ ରାୟ, ବିଦୁ ଭୂଷଣ ମହାପାତ୍ର, ଶୁଭେନ୍ଦୁ ସାହୁ, ପଦ୍ମନ ବିଶୋଇ, ପ୍ରଶା' ବିଶୋଇ, ଜିତେନ୍ଦ୍ର ସାହୁ, ଜୀବନ ପ୍ରଦୀପ ଦାଶ ରହିଛନ୍ତି । ସେହିପରି ସଂଯୋଜକ ଭାବେ କୈଳାସ ଚନ୍ଦ୍ର ସାହୁ, ତ୍ରିନାଥ ସାହୁ, ବୁଦ୍ଧଦେବ ପ୍ରଧାନ, ଦିଲ୍ଲିପ ଖୁଂଟିଆ, ବସ' ଜେନା, ଶ୍ରୀ ସଂଜୟ ପରିଡ଼ା ରହିଛନ୍ତି । ସାଗର ପରିଡ଼ା ଅଫିସ ଇନଚାର୍ଜ ରହିଥିଲା ବେଳେ ଜିଲ୍ଲା ଅଧକ୍ଷ ଭାବରେ ବାଲେଶ୍ୱର-ରବିନ୍ଦ୍ର ପ୍ରଧାନ, ଭଦ୍ରକ-ଶ୍ରୀକା' ଜେନା, ମୟୁରଭ- ଦିଲ୍ଲୀପ ନାୟକ, କେନ୍ଦ୍ରାପଡ଼ା- ସୁଖଦାନନ୍ଦ ପ୍ରଧାନ, କଟକ- ଅଶୋକ କୁମାର ସ୍ୱାଇଁ, କଟକ ସିଟି- ସ'ୋଷ ଲେଙ୍କା, କେନ୍ଦୁଝର- ଯଦୁମଣି ବାରିକ, ସୁନ୍ଦରଗଡ଼- ଅରୁଣ କୁମାର ସାମଲ, ରାଉରକେଲା- ବୈଲୋଚନ ସାହୁ, ରାୟଗଡ଼ା, ଏଲ ସର୍ବେଶ୍ୱର ରାଓ, କୋରାପୁଟ- ବ୍ରଜନନ୍ଦ ନାଗ, ମାଲକାନଗିରୀ- ଛବି ଦାସ, ନବରଙ୍ଗପୁର- ପଦନସାହି ମାଳି, କଳାହାଣ୍ଡି- ଲିଙ୍ଗରାଜ ବେହେରା, ବରଗଡ଼- ପାଣ୍ଡବ କର୍ଣ୍ଣ, ସୁବର୍ଣ୍ଣପୁର- ପ୍ରେମାନନ୍ଦ ଜାଟୀ, ଜଗତସିଂହପୁର- ବେଣୁଧର ସ୍ୱାଇଁ, ଯାଜପୁର- ପ୍ରଶା' ସାହୁ, ବୌଦ୍ଧ-ଉଛେଇ ବାରିକ, ଅନୁଗୁଳ- ପ୍ରବୋଧ ସ୍ୱାଇଁ, ଢ଼େଙ୍କାନାଳ- ନିଶାକାର ସାହୁ, ଖୋର୍ଦ୍ଧା-ପ୍ରଶା' ବଳିଆରସିଂହ, କନ୍ଧମାଳ- ଶ୍ରୀକା' ଦଳ ବେହେରା, ଝାରସୁଗୁଡ଼ା - ସୁବ୍ରତ କୁମାର ପ୍ରଧାନ, ନୂଆପଡ଼ା- ହିରା ମେହେର, ସମ୍ବଲପୁର-ଜିତେନ୍ଦ୍ର ପ୍ରଧାନ, ଗାମ- ଅମିର କୁମାର ଭୂୟାଁ, ଭୁବନେଶ୍ୱର - ଶତୃଘ୍ନ ବେହେରା, ଦେଓଗଡ଼- ଦିଲେଶ୍ୱର ସାହୁ, ବଲାଙ୍ଗୀର- ଭୋଳାନାଥ ବେହେରା, ଗଜପତି- ବିଭୂତି ଭୂଷଣ ନାୟକ, ନୟାଗଡ଼- ନାରାୟଣ ସାହୁ ରହିଛନ୍ତି । ଚଳିତ ପଂଚାୟତ ନିର୍ବାଚନରେ ରାଜ୍ୟ ସରକାର ପଛୁଆବର୍ଗଙ୍କୁ ସଂରକ୍ଷଣ ବିନା ଯେଉଁ ଭୋଟ କରୁଛନ୍ତି ତାହା ଗଣତନ୍ତ୍ର ପରିପନ୍ଥି ତେଣୁ ଆଗାମୀ ଦିନରେ ପଛୁଆବର୍ଗର ନ୍ୟାର୍ଯ୍ୟ ଦାବି ହାସଲ କରିବାପାଇଁ ସମସ୍ତ ପଦାଧିକାରୀମାନେ କାର୍ଯ୍ୟକରିବାକୁ ରାଜ୍ୟ ପଛୁଆ ବିଭାଗ ଅଧକ୍ଷ ଜ୍ଞାନ ବେଉରା ପରାମର୍ଶ ଦେଇଛନ୍ତି ।

# ଆହ୍ୱାନ ଆନୁକୁଲ୍ୟରେ ନେତାଜୀ ସୁବାସ ବୋଷ, ବୀର ସୁରେନ୍ଦ୍ର ସାହେବ ଜୟନ୍ତୀ ଓ ରକ୍ତଦାନ ଶିବିର ଅନୁଷ୍ଠିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ନାଟ୍ୟଅନୁଷ୍ଠାନ ଆହ୍ୱାନ ପକ୍ଷରୁ ୧୨୫ତମ ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ୨୧୩ ତମ ବୀର ସୁରେନ୍ଦ୍ର ସାହେବ ଜୟନ୍ତୀ ପାଳନ କରାଯାଇଛି । ସର୍ବପ୍ରଥବେ ମସାଲ ଶୋଭାଯାତ୍ରାରେ ଆହ୍ୱାନର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା ଆହ୍ୱାନ ଅନୁଷ୍ଠାନ ଠାରୁ କଲେଜ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା । ତତ୍ପରେ ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସଙ୍କ ଦ୍ୱାରା ଉକ୍ତ ଅନୁଷ୍ଠାନର କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଉଦ୍‌ଘାଟନ କରାଯାଇଥିଲା । ଆହ୍ୱାନ କାର୍ଯ୍ୟାଳୟରେ ଏକ ବୈଠକ ସମାଜସେବୀ ପାଣ୍ଡବ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଉଦ୍‌ଘାଟକ ଶ୍ରୀ ଦାସ ମା'ବିରଜା, ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାହେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଶ୍ରୀ ଦାସ ଉଦ୍‌ଘାଟନୀ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଭୂବପତି ଭୂଷଣ ମିଶ୍ର ଯୋଗଦେଇ ନେତାଜୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାହେବ ସ୍ୱାଧୀନତାରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ରକ୍ତଦାନ ଏକ ମହତ୍ ଦାନ ବୋଲି ତାଙ୍କର ବକ୍ତବ୍ୟରେ କହିଥିଲେ । ମୁଖ୍ୟ ବକ୍ତାଭାବେ ବିରଜା ବିକାଶ ପରିଷଦର ସଭାପତି ତପନ ମହାରଣ୍ୟ ଶର୍ମା ଯୋଗଦେଇ ତାଙ୍କ ବକ୍ତବ୍ୟରେ ସୁବାସ ବୋଷ ଓ ବୀର ସୁରେନ୍ଦା ସାହେବଙ୍କ ଦେଶ ପାଇଁ ତ୍ୟାଗ କିପରି ଥିଲା ଓ ରକ୍ତଦାତା ହେଉଛନ୍ତି ମନୁଷ୍ୟ ଜୀବନର ଜୀବନ ଦାତା ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ବିଶ୍ୱବାଣୀର ଜିଲ୍ଲାପ୍ରତିନିଧି ଦିଲ୍ଲୀପ କୁମାର ଦାଶ ଓ ସନ୍ତୋଷ ପଣ୍ଡା ତାଙ୍କ ବକ୍ତବ୍ୟରେ ନେତାଜୀ ଓ ବୀର ସୁରେନ୍ଦ୍ର ସାହେବଙ୍କ ସ୍ୱାଧୀନତା ସମୟରେ ଦେଶ ପାଇଁ ତାଙ୍କ ବୀରତ୍ୱ କାହାଣୀ ବଖାଣିଥିଲେ । ଉକ୍ତ କାର୍ଯ୍ୟାଳୟରେ ୧୦ ଜଣ ରକ୍ତଦାନ କରିଥିଲେ । ଏଥି ସହିତ ବିଭିନ୍ନ କ୍ଷେତ୍ରରେ ପ୍ରାରଙ୍ଗମ ଥିବା ବ୍ୟକ୍ତିମାନଙ୍କୁ ତଥା ଅରୁଣ କୁମାର ରାଉତରାୟ, ଦିଲ୍ଲୀପ କୁମାର ଦାସ, ଆଦିତ୍ୟ କୁମାର ମେକାବ, ଦିଲ୍ଲୀପ କୁମାର ଦାଶ, ଜ୍ୟୋତିର୍ମୟୀ ପତିଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ, ଉପଢ଼ୌକ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଆହ୍ୱାନର ସମ୍ପାଦକ ବିଶ୍ୱଜିତ ସାହୁ ପରିଚାଳନା କରିଥିବା ବେଳେ ଦିଲ୍ଲୀପ କୁମାର ନନ୍ଦ, ସୌମ୍ୟଜିତ ସାହୁ, ସୁବ୍ରଜିତ ସାହୁ, ଜୟଦେବ ରାଉତ, ଜଗନ୍ନାଥ ମିଶ୍ର, ରଂଜୁ ସାହା, ଜିତେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏଥିସହିତ ନୂତନଭାବେ ଦୁଇଜଣ ସଦସ୍ୟ ସଦସ୍ୟାଙ୍କୁ ସଭ୍ୟ ଭାବେ ଗ୍ରହଣ କରାଗଲା । ସର୍ବଶେଷରେ ଅନୁଷ୍ଠାନର ସହସମ୍ପାଦକ ଅକ୍ଷୟ ଚରଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । **ରକ୍ତଦାତା ଜୀବନଦାତା:** ୧. ରଂଜୁ ସାହା, ୨. ବିଜୟିନୀ ପତି, ୩. ଲୁସି ପରିଡ଼ା, ୪. ବିଶ୍ୱଜିତ ସାହୁ, ୫. ଜିତେନ୍ଦ୍ର ବେହେରା, ୬. ତିଳୋତମା ଜେନା, ୭. ଜ୍ୟୋତିର୍ମୟୀ ପତି, ୮. ନମିତା ମିଶ୍ର, ୯. ସେବାନନ୍ଦ ଦିବାକର ସାମନ୍ତ, ୧୦. ରାଜେନ୍ଦ୍ର କୁମାର ସାହୁ ।

## ଶହୀଦ ଦିବସ ଅବସରରେ ନୀରବ ପ୍ରାର୍ଥନା



ବାଲେଶ୍ୱର (ପିଏନ୍)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବଳିଦାନ ଦିବସର ସ୍ମୃତି ତଥା ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମରେ ଜୀବନ ଉତ୍ସର୍ଗୀକୃତ କରିଥିବା ଅମର ଆତ୍ମାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନ ୧୧ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ଭବେଶ କୁମାର ନାୟକ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ, ଏନଡିଆରଏଫ୍ ଯବାନ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ ଏହି ନୀରବ ପ୍ରାର୍ଥନାରେ ସାମିଲ ହୋଇଥିଲେ । ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଅଗ୍ନିଶମ ବିଭାଗ କର୍ମଚାରୀ ସୂଚନା ଦେବା ମାତ୍ରେ ଘ୧୦.୫୯ମିନିଟ ସମୟରେ ନୀରବ ପ୍ରାର୍ଥନା ନିମନ୍ତେ ସାଇରନ ବାଜିଥିଲା । ପୁଣି ଘ୧୧.୦୨ମିନିଟ ସମୟରେ ସାଇରନ ବଜାଯାଇ ନୀରବ ପ୍ରାର୍ଥନାର ସମାପ୍ତି ଘୋଷଣା କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଆନନ୍ଦପୁର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଂଚ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗତ ମାସ ୨୨ତାରିଖ ଶନିବାର ଦିନ ଜିଲ୍ଲାପରିଷଦ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଯା□ କରାଯାଇଥିଲା । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର ଓ ଘଷିପୁରା ୧୦ଗୋଟି ଜିଲ୍ଲାପରିଷଦ ପାଇଁ ବିଜେଡି, ବିଜେପି, କଂଗ୍ରେସ, ଆମଆଦମୀ ପାର୍ଟି, ଜେ.ଏମ୍.ଏମ୍. ଏବଂ ସ୍ୱାଧୀନରୁ ୩୭ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଶନିବାର ଦିନ ଆନନ୍ଦପୁର ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଗୋପୀନାଥ କୁଅଁରଙ୍କ ଅଧକ୍ଷତାରେ ଉପଜିଲ୍ଲାପାଳଙ୍କ ସଭାଗୃହରେ ତହସିଲଦାର ତପନ କୁମାର ନାୟକ, ଆନନ୍ଦପୁର ଏସ୍‌ଡିପିଓ ଅନିଲ କୁମାର ବେଉରିଆଙ୍କ ଉପସ୍ଥିତିରେ ୩୭ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯା□ କରାଯାଇଥିଲା । ରବିବାର ଦିନ ଅପରାହ୍ନ ୩ଘଟିକା ସମୟରେ ଜିଲ୍ଲାପରିଷଦ ପ୍ରାର୍ଥୀମାନଙ୍କ ଦଳୀୟ ଚିହ୍ନ ଓ ନାମ ପ୍ରକାଶ ପାଇଛି । ସେଥିମଧ୍ୟରୁ ୪ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା ବେଳେ ୩୩ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇଛି ।

## ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେବ କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଜଗତସିଂହପୁର ଜିଲ୍ଲାର ବାଲିକୁଦା ଜୋନ ନଂ-୨ ଜିଲ୍ଲା ପରିଷଦ ଆସନ ଅନୁସୂଚିତ ଜାତିବର୍ଗ ପାଇଁ ସଂରକ୍ଷିତ । ଏହି ସଂରକ୍ଷିତ ଆସନରେ ଶାସକ ବିଜୁଜନତା ଦଳ ପକ୍ଷରୁ ଏକ ସାଧାରଣ ବର୍ଗର ଲୋକଙ୍କୁ ପ୍ରାର୍ଥି କରାଯାଇଛି । ଶାସକ ବିଜେଡ଼ି ତରଫରୁ ପ୍ରାର୍ଥି ହୋଇଥିବା ଜଟାଧାରୀ ଦାସଙ୍କ ଜାତି କୈବର୍ତ - ବୈଷ୍ଣବ ଯାହା ଅନୁସୂଚିତ ଜାତି ତାଲିକାରେ ନାହିଁ । କିଂ ଚଂଚକତା କରି ଏକ ସଂରକ୍ଷଣ ବର୍ଗର ପ୍ରାର୍ଥିଙ୍କ ଅଧିକାରକୁ ଛଡ଼ାଇ ନେବା ପାଇଁ ଶାସକ ବିଜୁ ଜନତା ଦଳର ହୀନ ଉଦ୍ୟମ ସଂପୂର୍ଣ୍ଣ ନିନ୍ଦନୀୟ । ପୁନଶ୍ଚ ପ୍ରାର୍ଥି ହୋଇଥିବା ଶ୍ରୀ ଦାସ ଆବେଦନ କରିଥିବା ଜାତି ପ୍ରମାଣ ପତ୍ରକୁ ତହସିଲଦାର ନାକଚ କରିବା ସତ୍ୱେ ସେ ବହୁ ପୁରୁଣା ମିଥ୍ୟା ଜାତି ପ୍ରମାଣପତ୍ର ଦାଖଲ କରିଛନ୍ତି ଯାହା ଉପରେ ଦଳ ତରଫରୁ ରିଂଟର୍ଣ୍ଣି ଅଫିସରଙ୍କ ପାଖରେ ଅଭିଯୋଗ କରାଯାଇ ପ୍ରାର୍ଥିପତ୍ର ତୁରନ୍ତ ନାକଚ କରାଯିବାକୁ ଦାବି କରାଯାଇଛି । ଯଦି ରିଂଟର୍ଣ୍ଣି ଅଫିସର ପ୍ରାର୍ଥିତ୍ୱକୁ ନାକଚ ନକରଁ ଏବଂ ମିଥ୍ୟ ପ୍ରମାଣପତ୍ର ଦାଖଲ କରିଥିବା ଅଭିଯୋଗରେ ଯଦି ସଂପୃକ୍ତ ପ୍ରାର୍ଥିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାନଯାଏ ତାହାହେଲେ ଦଳ ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହେବ ବୋଲି ଦଳ ତରଫରୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଡ. ଲଲାଟେନ୍ଦୁ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ବୋଲଗଡ ଆଂଚଳିକ ମହାସଂଘର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,(ପିଏନ): ବୋଲଗଡ ବ୍ଲକ ସଦର ମହକୁମାର ଆଂଚଳିକ ବଣିକ ମହାସଂଘ ପକ୍ଷରୁ ୧୦ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଭୁଇଁଆଣୀ ପୀଠରେ ଅନୁଷ୍ଠିତ ହୋଇ ଯାଇଛି । ମହାସଂଘର ସଭାପତି ଦୁର୍ଗା ଚରଣ ଦଳବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି,ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ବକ୍ତା, ସ୍ଥାନୀୟ ସରକାରୀ ଚିକିତ୍ସାଳୟର ଚିକିତ୍ସକ ଡଃ ରତିକାନ୍ତ ଷଣ୍ଢ,ସମାଜସେବୀ ଲଲାଟେନ୍ଦୁ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏକତା ଭାଇଚାରା ମାଧ୍ୟମରେ ଶକ୍ତିଶାଳୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ ।ସମ୍ପାଦକ ଅରୂପ କୁମାର ପରିଡା ସମ୍ପାଦକୀୟ ବିବରଣୀ ପଠନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ବଁଶୀଧର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ବରିଷ୍ଠ ସଭ୍ୟ ବୃନ୍ଦାବନ ରଥ ଉପସ୍ଥିତ ରହି ସମସ୍ତ ସଦସ୍ୟ ମାନଙ୍କୁ ଏକତାର ଶପଥ ପାଠଚ କରାଇଥିଲେ ।ବଣିକ ସଂଘର ଦିବଂଗତ ସଦସ୍ୟ ମାନଙ୍କର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଇଥିଲେ ।ଏହି ଅବସରରେ ବଣିକ ମହାସଂଘର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ,ସୁଦର୍ଶନ ମହାପାତ୍ର,ରାଜ କିଶୋର ସୁବୁଦ୍ଧି ,ବାଇଧର ସାହୁ,ରବୀନ୍ଦ୍ର କୁମାର ସୁବୁଦ୍ଧି,କୃଷ୍ଣ ଚନ୍ଦ୍ର ସାହୁ,ରବୀନ୍ଦ୍ର ସାହୁ,ରାମଚନ୍ଦ୍ର ସୁବୁଦ୍ଧି,କୁଳମଣି ସାହୁ,ଓ ସଦାଶିବ ସାହୁଙ୍କୁ ମାନପତ୍ର ଉପଢୌକନ ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମକର୍ତାମାନେ ସ୍ଥାୟୀ ଗୃହ ନିର୍ମାଣ ଚିକିତ୍ସାଳୟ ପରିସରରେ ପୂର୍ବରୁ ଅନୁମୋଦିତ ହୋଇଥିବା ଚକ୍ଷୁ ଚିକିତ୍ସା କେନ୍ଦ୍ର ସ୍ଥାପନ ଓ ବସଷ୍ଟାଣ୍ଡ ରେ ସ୍ଥାୟୀ ଯାତ୍ରୀ ନିବାସ ସହ ଶୌଚାଳୟ ନିର୍ମାଣ ପାଇଁ ବିଧାୟକଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୋଲଗଡ ୭ ଗୋଟି ବଣିକ ସଂଘର ବହୁ ସଦସ୍ୟମାନେ ଯୋଗ ଦେଇଥିବା ବେଳେ ସଭ୍ୟ ତାପସ ଦତ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁତ୍ରର ଚିକିତ୍ସା ସହାୟତା ପାଇଁ ବାପାମାଆଙ୍କ ଆକୁଳ ନିବେଦନ

ଖୋର୍ଦ୍ଧା, (ପିଏନ): ବେଗୁନିଆ ସଦର ମହକୁମାର ନୂଆସାହିସ୍ଥିତ ପ୍ରତାପ ବାରିକଙ୍କ ପୁତ୍ର ରଘୁନାଥ(୧୬)ଙ୍କର ପିଲା ଦିନରୁ ହାର୍ଟ ରୋଗ ବାହାରି ଥିଲେ ମଧ୍ୟ ପରିବାର ଲୋକେ ବିଭିନ୍ନ ସମୟରେ ଚିକିତ୍ସା ପାଇଁ ଅର୍ଥ ଖର୍ଚ୍ଚ କରି ଆସୁଥିଲେ ।ତେବେ ପ୍ରତାପ ଗାଁ ଗାଁ ବୁଲି ବାରିକ ବୃତି କରି ନିଜ ପରିବାରକୁ ଅଭାବ ଅନାଟନ ସତ୍ୱେ ଚଳାଇ ଆସୁଥିଲେ । ଗତ ୨୦୨୦ ମସିହାରେ ରଘୁ ଦଶମ ଶ୍ରେଣୀରେ ପଢୁଥିବା ସମୟରେ ହାର୍ଟ ରୋଗଟି ଅଧିକ ଜଟିଳ ହେବାରୁ ପାଠପଢାରେ ଡୋରୀ ବାନ୍ଧିଥିଲା । ପରିବାର ପକ୍ଷରୁ ସେହି ବର୍ଷ ଭୁବନେଶ୍ୱର ଏମସରେ ଚିକିତ୍ସା ପାଇଁ ଭର୍ତି କରିଥିଲେ ମଧ୍ୟ ଚିକିତ୍ସା ହୋଇ ନପାରିବାରୁ ଗତ ୨୦୨୧ ମସିହା ଡିସେମ୍ବର ମାସରେ କଲିକତାର ଏକ ଚିକିତ୍ସାଳୟରେ ହାର୍ଟର ବାଇପାସ ସର୍ଜରୀ କରିଥିଲେ ମଧ୍ୟ ତାହା ସଫଳ ହୋଇ ନପାରିବାରୁ ପୁନର୍ବାର ଓପନ ହାର୍ଟ ଅପରେସନ ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ରହିଛି । କିନ୍ତୁ ଏବେ ସେ ଯକ୍ଷ୍ମା ରୋଗରେ ପିଡୀତ ହୋଇ ଶର୍ଯ୍ୟାଶାୟୀ ଅବସ୍ଥାରେ ପଡି ରହି ମରଣ ସହିତ ଲଢେଇ କରୁଛନ୍ତି । ପ୍ରତାପଙ୍କର ଆର୍ଥିକ ସମସ୍ୟା ବହୁତ ଜଟିଳ ଥିବାରୁ ଶର୍ଯ୍ୟାଶାୟୀ ପୁତ୍ରକୁ ଚିକିତ୍ସା ପାଇଁ ଅର୍ଥର ଘୋର ଅଭାବ ହେତ ଚିକିତ୍ସା କରି ନ ପାରି ଦୁଃଖରେ କାଳାତିପାତ କରୁଛନ୍ତି ।ଏଥିପାଇଁ ସେ ମୁଦ୍ରିତ ଗଣମାଧ୍ୟମରେ ସାହାର୍ଯ୍ୟ ସହଯୋଗ କରିବା ପାଇଁ ୯୭୭୭୮୮୩୬୨(ଫୋନ ପେ )ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ମାଙ୍କଡା ପଥର ବୋଝେଇ ଟ୍ରକ ଧକ୍କାରେ ବାଇକ ଚାଳକ ମୃତ୍ୟୁ

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ବାଘମାରୀ ଥାନା ଅନ୍ତର୍ଗତ ଶରଧାପୁରଠାରେ ଆଜି ପୂର୍ବାହ୍ନରେ ଏକ ମାଙ୍କଡା ପଥର ବୋଝେଇ ଟ୍ରକ ଧକ୍କାରେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି । ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ୍ଙ୍କ ସୂଚନା ମୁତାବକ ବୋଲଗଡ ବ୍ଲକ ଅସରଳା ଗ୍ରାମର ବାଉରୀ ବନ୍ଧୁ ସାହୁ ପୁଅ ସୁବାସ (୨୩) ନିଜ ବାଇକ ଯୋଗେ ଫେରୁଥିବା ସମୟରେ ଏହି ଦୁର୍ଘଟଣାଟି ଘଟିଥିଲା ।ଘଟଣା ସ୍ଥଳରୁ ଟ୍ରକର ଚାଳକ ଫେରାର ହୋଇ ଯାଇଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଟ୍ରକକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତକଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।




ଦୈନିକ 'ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

ଶ୍ରୀ ସତ୍ୟ ନାରାୟଣ ବେହେରା
କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଚ୍ ଏମ ଏସ କନ୍ଧମାଳ ଜିଲ୍ଲା ଶାଖାର ଆବାହକ, ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା, ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ



ଦୈନିକ 'ପର୍ଯ୍ୟବେକ୍ଷକ' ସମ୍ବାଦପତ୍ରର ୨୪ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ।

ଅବକାରୀ ଅଧ୍ୟକ୍ଷ
ବ୍ରହ୍ମପୁର ଗଞ୍ଜାମ


## ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯୁବ ବିଜେଡି ଉପସଭାପତି ବହିଷ୍କୃତ

ଧର୍ମଶାଳା, (ପିଏନ୍): ଦଳ ବିରୋଧି କାର୍ଯ୍ୟ ଅଭିଯୋଗରେ ଧର୍ମଶାଳା ବ୍ଲକ ବିଜୁ ଯୁବ ଜନତା ଦଳ ଉପସଭାପତି ଅଭୟ ସାମଲଙ୍କୁ ଆଜି ବିଜେଡ଼ିରୁ ବହିଷ୍କୃତ କରାଯାଇଛି । ଏନେଇ ଏକ ପ୍ରେସ୍ ବିବୃତିରେ ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ ସୂଚନା ଦେଇଛନ୍ତି । ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପଟୁଣିଆ ପଂଚାୟତରେ ଦଳ ପକ୍ଷରୁ ସମର୍ଥୀତ ପ୍ରାର୍ଥୀ ଦିଆଯାଇଥିବା ବେଳେ ଶ୍ରୀ ସାମଲ ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା । ଏନେଇ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ତାଙ୍କୁ ଦଳରୁ ବହିଷ୍କୃତ କରାଯାଇଥିବା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ପଂଚାୟତ ନିର୍ବାଚନ ମଇଦାନରେ ଧର୍ମଶାଳା ବିଧାୟକଙ୍କ ଭାଇ ପ୍ରଭାତ ବଳବନ୍ତରାୟ

ଧର୍ମଶାଳା,(ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବହୁ ନେତା ସେମାନଙ୍କ ସଂପର୍କୀୟଙ୍କୁ ରାଜନୀତି ମଇଦାନକୁ ଓହ୍ଲାଇଥିବା ବେଳେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଭାଇ ଚଳିତ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ବିଧାୟକଙ୍କ ସାନ ଭାଇ ପ୍ରଭାତ କୁମାର ବଳବନ୍ତରାୟ ଗତ ପଂଚାୟତ ନିର୍ବାଚନରେ ଏହି ବ୍ଲକ ଭବାନୀପୁର ପଂଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଛନ୍ତି । ଚଳିତ ନିର୍ବାଚନରେ ସେ ପୁନର୍ବାର ଦୁଇଟି ଆସନରୁ ସମିତିସଭ୍ୟ ପ୍ରାର୍ଥୀ ଭାବେ ଛିଡା ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଧର୍ମଶାଳା ବ୍ଲକର କୁମାରୀ ଏବଂ ଚକ୍ରଧରପୁର ପଂଚାୟତରୁ ଦଳୀୟ ସମର୍ଥୀତ ସମିତିସଭ୍ୟ ପ୍ରାର୍ଥୀ ଭାବେ ସେ ନିର୍ବାଚନ ଲଢୁଛନ୍ତି । ଶ୍ରୀ ବଳବନ୍ତରାୟ ଆଜି କୁମାରୀ ପଂଚାୟତର ଦଳୀୟ ସମର୍ଥୀତ ସରପଂଚ ପ୍ରାର୍ଥୀ କବିତା ବେହେରା, ୧୩ ନମ୍ବର ଜୋନର ବିଜେଡି ଜିଲ୍ଲାପରିଷଦ ପ୍ରାର୍ଥୀ ସ୍ମୃତିରେଖା ବେହେରା ସମେତ ଦଳୀୟ ସମର୍ଥକଙ୍କ ସହ ପଂଚାୟତର ପଣ୍ଡୁଆ ଓ ଜାମୁବଣିଆ ଗ୍ରାମରେ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି । ୫ବର୍ଷ ଧରି ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରି ଧର୍ମଶାଳାର ବିକାଶ ଧାରାକୁ ଆଗେଇ ନେଇଥିବା ବେଳେ ଲୋକଙ୍କ ସମର୍ଥନ ଥିବାରୁ ସେ ପୁନର୍ବାର ନିର୍ବାଚନ ଲଢୁଥିବା କହିଛନ୍ତି ।

## ବିପ୍ଲବୀ ଲେଖକ ଭଗବତ ପ୍ରାଣୀଗ୍ରାହୀଙ୍କ ୧୧୪ତମ ଜୟନ୍ତୀ

ଧର୍ମଶାଳା,(ପିଏନ୍): ଓଡିଶାରେ ସାମାଜିକ ପରିବର୍ତନ ଆଣିବା ଉଦ୍ଦେଶ୍ୟରେ ବିପ୍ଳବୀ ଲେଖକ ସ୍ୱର୍ଗତ ଭଗବତ ଚରଣ ପାଣିଗ୍ରାହୀ ଗଳ୍ପ ମାଧ୍ୟମରେ ଲେଖନୀ ଚାଳନା କରିଥିଲେ ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସମାଜ ସଂସ୍କାରକ ବିପ୍ଳବି ଲେଖକ ସ୍ୱର୍ଗତ ଭଗବତ ଚରଣ ପାଣୀଗ୍ରାହୀଙ୍କ ୧୧୪ତମ ଜୟନ୍ତୀ ଉତ୍ସବ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀ ପ୍ରଗତିଶିଳ ସାହିତ୍ୟ ରଚନା କରିବା ସହ ଅଧୁନିକ ନାମକ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରିଥିଲେ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢି, ସ୍ତମ୍ଭକାର ଡ.ରୁଦ୍ର ନାରାୟଣ ପୃଷ୍ଟି, ଧର୍ମଶାଳା ମହିଳା ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ ଭଗବତିଙ୍କ ଗଳ୍ପ ନ୍ତଶିକାରନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ଡ. ପୁରୁଷୋତମ ବିଶ୍ୱାଳ ଖବରଦାତା ବଟକୃଷ୍ଣ ପରିଡା,ଗୁଲାମ ଗସ,ମାନସ ରନ ଜେନା, ଉପସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ସଂସ୍କୃତ କଲେଜ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପାତ୍ର, ଅଧ୍ୟାପକ ବିଜୟ ନାୟକ, ଡ. ଚିତରନ ମହାନ୍ତି, ସଂଗ୍ରାମ କେଶରୀ ଜେନା,ପଣ୍ଡିତ ବ୍ରଜ କିଶୋର ଦାସ ଯୋଗଦେଇଥିଲେ । ଏହି ଅବସରରେ ଆକାଶବାଣୀ ମହାନିର୍ଦ୍ଦେଶାଳୟ ତରଫରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅଖିଳ ଭାରତୀୟ ସର୍ବଭାଷା କବି ସମ୍ମିଳନୀରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ଗୋକର୍ଣ୍ଣିକା ସହ ସମ୍ପାଦକ ଡ. ତୁହିନାଂଶୁ ରଥଙ୍କୁ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡିରେ ବୋରିଗୁମ୍ମାର ତିନି କଂଗ୍ରେସ ନେତା

ଭୁବନେଶ୍ୱର,(ପି.ଏନ): ବିଜେଡିରେ ମିଶିଲେ କଂଗ୍ରେସ ବୋରିଗୁମ୍ମା ବ୍ଲକର ତିନି ଟାଣୁଆ ନେତା । ଜୟପୁର ନିର୍ବାଚନ ମଣ୍ଡଳୀର ୨୦୦୯ର କଂଗ୍ରେସ ବିଧାୟକ ପ୍ରାର୍ଥୀ ନାଗରାଜ ଦୋରା ଏବଂ ବୋରିଗୁମ୍ମା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ନିରଞ୍ଜନ ପ୍ରଧାନ ବିଜେଡିରେ ଯୋଗ ଦେଇଛନ୍ତି । ସେହିପରି ବୋରିଗୁମ୍ମାର ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ସୁବାଷ ଚନ୍ଦ୍ର ନାୟକ ମଧ୍ୟ ବିଜେଡ଼ିରେ ସାମିଲ ହୋଇଛନ୍ତି । ରାଜ୍ୟ ଯୁବ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ଓ ମାଲକାନଗିରିର ପର୍ଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା ଏବଂ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ଏମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ରେ ସାମିଲ ହୋଇଛନ୍ତି । ମହିଳା ମାନଙ୍କୁ ଦଳରେ ଯେଉଁ ସମ୍ମାନ ମିଳୁଛି ଏବଂ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଯେଉଁଭଳି ଭାବେ ସଶକ୍ତି କରଣ କରୁଛନ୍ତି ସେଥିରେ ପ୍ରଭାବିତ ହୋଇ ବିଜେଡି ମିଶିଛନ୍ତି । ବ୍ଲକ ରେ ଦଳ କେମିତି ଅଧିକ ମଜବୁତ ହେବ ସେ ନେଇ କାମ କରିବୁ ବୋଲି କହିଛନ୍ତି ନାଗରାଜ ଦୋରା ।

## ଗୋଟିଏ ଦିନରେ ୩୦୮୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୦୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୫୨୩୨୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୦୧ ହଜାର ୫୪୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୨୦୯୮ ରହିଛି । ଆଜି ଚିହ୍ନଟ ହୋଇଥିବା ୩୦୮୬ ଜଣଙ୍କ ମଧ୍ୟରୁ ୧୭୯୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୮୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୬୫୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳରୁ ଜିଲ୍ଲାରୁ ୮୨ , ବାଲେଶ୍ୱର ଜିଲ୍ଲାରୁ ୭୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୬ , କଟକରୁ ୩୨୫ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬୩, ଗଂଜାମ ଜିଲ୍ଲାରେ ୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୭୪, ଯାଜପୁରରୁ ୧୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୭୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୪ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୯ , ଖୋର୍ଦ୍ଧାରୁ ୬୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୧୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୧୦ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## କର୍ପୋରେଟ ବଜେଟ୍ : ପଂଚାନନ କାନୁନଗୋ

ଭୁବନେଶ୍ୱର,(ପି.ଏନ): ଚଳିତ ବଜେଟ୍ ସାଧାରଣ ଜନତାଙ୍କ ପାଇଁ ନୁହେଁ । ଏହା କର୍ପୋରେଟ ବଜେଟ । ଏଥିରେ ଚାଷୀ ଓ ସାଧାରଣ ଲୋକ ହତାଶ ହୋଇଛନ୍ତି । ଇଏଜୁକେସନ କାର୍ଯ୍ୟକ୍ରମରେ କର୍ପୋରେଟ ସଂସ୍ଥା ଲାଭବାନ ହେବେ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ କହିଛନ୍ତି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଉପସ୍ଥାପନ କରିଥିବା ୨୦୨୨-୨୩ ଆର୍ଥିକ ବର୍ଷରସାଧାରଣ ବଜେଟ ଉପରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି ।


Odisha Electronics
Bus Stand, By Pass Road
Vyasa Nagar,
Prop. Bhimasen Sial
*All types of Wrist Watch and Wall Clock (Available here)*
Mob:7855848849








2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

